ବର୍ଷ-୨୪, ସଂଖ୍ୟା-୨୨୭
ଭୁବନେଶ୍ୱର, ୧୬ ସେପ୍ଟେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 227
Bhubaneswar, 16 September, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com



ଆଜି
ବିଶ୍ୱକର୍ମା
ପୂଜା



ସୁଭଦ୍ରା

## ଆସନ୍ତାକାଲି
# ସୁଭଦ୍ରା
## ଶୁଭାରମ୍ଭ

## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀଙ୍କ
କରକମଳରେ

## କଥା ଦେଇ କଥା ରଖିଲେ
## ଆମ ସରକାର





- ଉପକୃତ ହେବେ ୧ କୋଟି ରୁ ଉର୍ଦ୍ଧ୍ୱ ମହିଳା
- ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର କରି ପାଞ୍ଚ ବର୍ଷରେ ପାଇବେ ୫୦ ହଜାର ଟଙ୍କା
- ପ୍ରତିବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ପ୍ରଥମ କିସ୍ତି ଏବଂ ରାକ୍ଷୀ ପୂର୍ଣ୍ଣିମାରେ ଦ୍ୱିତୀୟ କିସ୍ତିରେ ପାଇବେ ମୋଟ୍ ୧୦ ହଜାର ଟଙ୍କା
- ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଖାତାକୁ ସିଧା ସଳଖ ଯିବ ସହାୟତା ରାଶି
- ସୂଚନାଯୋଗ୍ୟ ଯେ, ସୁଭଦ୍ରା ପାଇଁ ଆବେଦନ ଜାରି ରହିଛି ଏବଂ ଏହାର କୌଣସି ଶେଷ ତାରିଖ ନାହିଁ

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

DSPL-109
OIPR-33001/13/0009/2425

# ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଲଭ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଢାଞ୍ଚାରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



ଖବର

# ସୁସ୍ଥ ହୋଇ ହସ୍ପିଟାଲରୁ କୁନିପରିକୁ ଧରି ଘରକୁ ଫେରିଲେ ଦୀପିକା





ଦୀପିକା ପାଦୁକୋନ ଏବଂ ରଣବୀର ସିଂଙ୍କ ଘରକୁ ଗଣେଶ ଚତୁର୍ଥୀ ପରଦିନ ଅର୍ଥାତ ରବିବାର (୮ ସେପ୍ଟେମ୍ବର ୨୦୨୪)ଦିନ ଲକ୍ଷ୍ମୀଙ୍କ ଆଗମନ ହୋଇଛି। ଅର୍ଥାତ ଦୀପିକା ଏକ କନ୍ୟା ସନ୍ତାନର ମା' ହୋଇଛନ୍ତି। ସେପ୍ଟେମ୍ବର ୧୫ ତାରିଖ ରବିବାର ଦିନ ଦୀପିକାଙ୍କୁ ହସ୍ପିଟାଲରୁ ଛୁଟି ମିଳି ଯାଇଛି। ଝିଅକୁ ହସ୍ପିଟାଲରୁ ନେବା ପାଇଁ ଅଭିନେତ୍ରୀଙ୍କ ବାପା ପ୍ରକାଶ ପାଦୁକୋନ ହସ୍ପିଟାଲରେ ପହଞ୍ଚିଥିଲେ। ଦୀପିକା ଡେଲିଭରି ଦିନରୁ ଏଚଏନ ରିଲାଏନ୍ସ ହସ୍ପିଟାଲରେ ଭର୍ତ୍ତି ଥିଲେ୍ୟ ଚିକିତ୍ସା ପରେ ଏବେ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି। ଏହି ସମୟରେ ସ୍ୱାମୀ ରଣବୀର ସିଂହ ବି ଦୀପିକାଙ୍କ ସହ ଉପସ୍ଥିତ ଥିଲେ। ନୂଆ କରି ମା' ହୋଇଥିବା ଦୀପିକାଙ୍କୁ ଦେଖିବା ପାଇଁ ସୁପରଷ୍ଟାର ଶାହରୁଖ ଖାନ ବି ହସ୍ପିଟାଲରେ ପହଞ୍ଚିଥିଲେ। କୁନି ପରିର ଆଗମନରେ ଉଭୟ ଦୀପିକା ପାଦୁକୋନ ଏବଂ ରଣଭୀର ସିଂଙ୍କ ପରିବାର ବହୁତ ଖୁସି ଅଛନ୍ତି। ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଛି। ପ୍ରସବ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ ଦୀପିକା ପାଦୁକୋନ ମଧ୍ୟ ପ୍ରଭୁ ଗଣେଶଙ୍କ ଆଶୀର୍ବାଦ ପାଇବା ପାଇଁ ମୁମ୍ବାଇର ପ୍ରତିଷ୍ଠିତ ସିଦ୍ଧିବିନାୟକ ମନ୍ଦିର ପରିଦର୍ଶନ କରିଥିଲେ। ଦୀପିକା ପାଦୁକୋନ ଓ ରଣଭୀର ସିଂ ନଭେମ୍ବର ୨୦୧୮ ରେ ବିବାହ କରିଥିଲେ। ବିବାହର ୬ ବର୍ଷ ପରେ, ଏହି ଦମ୍ପତି ନିଜ ପ୍ରଶଂସକମାନଙ୍କୁ ଏହି ଖୁସି ଖବର ଦେଇଥିଲେ ଏବଂ ପ୍ରଶଂସକମାନେ ଉତ୍ସାହର ସହିତ ଶିଶୁର ଆଗମନକୁ ଅପେକ୍ଷା କରିଥିଲେ। କିଛିଲୋକ ଦୀପିକା ପାଦୁକୋନଙ୍କ ଗର୍ଭଧାରଣକୁ ଗୁଜବ ବୋଲି କହୁଥିଲେ। କିନ୍ତୁ ନିକଟରେ ଦୀପିକା ରଣଭୀର ସିଂଙ୍କ ସହ ନିଜର ଗର୍ଭଧାରଣ ଫଟୋସୁଟକୁ ସୋସିଆଲ ମିଡିଆରେ ସେୟାର କରି ସମସ୍ତ ଟ୍ରୋଲର୍ସଙ୍କ ମୁହଁ ଚୁପ କରାଇ ଦେଇଥିଲେ।

# ଶୁଭ ସମୟର ପୂର୍ବ ସୂଚନା

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦଘାତ ଅନ୍ୟତମମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ୍ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା ।

ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଈ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁ ଶୁଭ ସଙ୍କେତ ହୋଇଥାଏ।

ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ । ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



# ତୀର୍ଥଯାତ୍ରାର ମହତ୍ତ୍ୱ

ଖୁବ୍ କମ୍ ଲୋକ ଥିବେ, ଯେଉଁମାନେ କେବେହେଲେ କୌଣସି ତୀର୍ଥସ୍ଥଳୀକୁ ଯାଇନଥିବେ । ବିଶ୍ୱର ପ୍ରତ୍ୟେକ ଧର୍ମରେ ତୀର୍ଥ ଭ୍ରମଣ ପ୍ରତି ଗୁରୁତ୍ୱାରୋପ କରାଯାଇଛି । ସାଧାରଣତଃ ଆଧ୍ୟାତ୍ମିକ ଗୁରୁତ୍ୱ ଥିବା ସ୍ଥାନକୁ ଆମେ ତୀର୍ଥ ଯାତ୍ରା କରିଥାଉ । ତୀର୍ଥ ଯାତ୍ରା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ନିକଟତର ହେବା ଲାଗି ପ୍ରୟାସ କରିଥାଏ । ଗଭୀର ବିଶ୍ୱାସ ଏବଂ ଆସ୍ଥା ସହିତ ଆମଭିତରୁ ଅନେକ ତୀର୍ଥ ଯାତ୍ରା କରିଥାନ୍ତି । ଏହି ଦୃଢ଼ ବିଶ୍ୱାସ କାରଣରୁ ଯେତେକଷ୍ଟ ହେଉ ପଛେ ତୀର୍ଥସ୍ଥଳୀ ଅଭିମୁଖେ ଯାତ୍ରା କରିବାର ପରମ୍ପରା ରହିଛି । ଭାରତରେ କେଉଁ ପ୍ରାଚୀନ କାଳରୁ ତୀର୍ଥ ଭ୍ରମଣ ପରମ୍ପରା ପ୍ରଚଳିତ ହୋଇଆସୁଛି । ତେବେ ଏହି ତୀର୍ଥ ଭ୍ରମଣ କାହିଁକି କରାଯାଇଥାଏ ? ଧର୍ମଶାସ୍ତ୍ରରେ ତୀର୍ଥ ଯାତ୍ରା ପ୍ରତି ଏତେ ଗୁରୁତ୍ୱ କାହିଁକି ଦିଆଯାଇଛି ? ଏହାର ଉତ୍ତର ଖୋଜିବାକୁ ହେଲେ ଆମକୁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।



ସଂସାର ଜଞ୍ଜାଳ ମଧ୍ୟରେ ବୁଡ଼ି ରହି ମନୁଷ୍ୟ ନିଜକୁ ବିଭିନ୍ନ ବିକାର ମଧ୍ୟରେ ହଜାଇ ଦେଇଥାଏ । ମନୁଷ୍ୟ ସର୍ବଦା ନିଜ କର୍ମର ଉପଯୁକ୍ତ ଫଳ କିମ୍ବା ତା'ଠାରୁ ଅଧିକ ଫଳ ପାଇବା ଲାଗି ଚେଷ୍ଟା କରିଥାଏ । ଈଶ୍ୱରଙ୍କ ବିଧାନ ଦୃଷ୍ଟିରୁ ଯଦି ମନୁଷ୍ୟ ନିଜ କର୍ମର ଉପଯୁକ୍ତ ଫଳ ପାଇନଥିବା ଅନୁଭବ କରେ, ସେ ହତାଶ ହୋଇପଡ଼େ । ପୁଣି କେବେ କେବେ କର୍ମ ଅନୁଯାୟୀ ଉପଯୁକ୍ତ ଫଳ ପାଇବା ପରେ ମଣିଷ ଅଧିକ ଫଳ ପାଇବା ଲାଗି ପ୍ରଚେଷ୍ଟା କରିଥାଏ । ଏହି ପ୍ରଚେଷ୍ଟା ମନୁଷ୍ୟକୁ କ୍ଳାନ୍ତ କରି ଦେଇଥାଏ । ଏହି କ୍ଳାନ୍ତି ମାନସିକ ଏବଂ ଶାରୀରିକ ଭାବେ ତା'କୁ ଦୁର୍ବଳ କରିଦିଏ । ଏଭଳି ସ୍ଥିତିରେ ମନୁଷ୍ୟର ଜୀବନ ଦିଗହରା ହୋଇଯାଇଥାଏ । ଦିଗଭ୍ରଷ୍ଟ ମନୁଷ୍ୟର ଜୀବନ ଈଶ୍ୱରଙ୍କ ଶରଣାପନ୍ନ ହେବା ଦ୍ୱାରା ବାଟକୁ ଆସିଥାଏ । ସେଥିପାଇଁ ତୀର୍ଥାଟନ କରିବାର ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସିଛି । ସାଂସାରିକ କର୍ମ ଜଞ୍ଜାଳରେ ଲିପ୍ତ ହୋଇ କ୍ଳାନ୍ତ ହୋଇପଡ଼ିଥିବା ମନୁଷ୍ୟ ତୀର୍ଥଯାତ୍ରାରୁ ମାନସିକ ଶାନ୍ତି ପ୍ରାପ୍ତି କରିଥାଏ । ଏହି ଶାନ୍ତି ତା'କୁ ଈଶ୍ୱରଙ୍କ ଆହୁରି ନିକଟତର କରାଇଥାଏ । ସେଥିପାଇଁ ଆମ ପୁରାଣ ଶାସ୍ତ୍ରରେ ତୀର୍ଥଯାତ୍ରା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ମଧ ତୀର୍ଥଯାତ୍ରା ମନୁଷ୍ୟର ଜୀବନକୁ ପ୍ରଭାବିତ କରିଥାଏ ।

ତୀର୍ଥଯାତ୍ରା ସମୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବା ମନୁଷ୍ୟ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ହୋଇଥାଏ । ତୀର୍ଥଯାତ୍ରା ମନୁଷ୍ୟର ଶରୀର ଏବଂ ମନର ସ୍ଥିତିକୁ ବଦଳାଇଥାଏ । ମନୁଷ୍ୟ ଜୀବନରେ ନୂତନ ପ୍ରାଣ ସଞ୍ଚାର କରିଥାଏ । ମନୁଷ୍ୟକୁ ପୁଣି ଥରେ କର୍ମ କରିବା ଲାଗି ଏବଂ ସତ୍‌ମାର୍ଗରେ ଜୀବନ ଜିଇଁବା ଲାଗି ନୂତନ ଶକ୍ତି ପ୍ରଦାନ କରିଥାଏ ।

# ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାର ଉପାୟ

ବୁଧବାର ଦିନ ବିଧି ବିଧାନ ଅନୁସାରେ ଭଗବାନ ଗଣେଶଙ୍କୁ ପୂଜା କରାଯାଇଥାଏ। ବୁଧବାର ଦିନ ଭଗବାନ ଗଣେଶଙ୍କର ବିଧି ବିଧାନ ଅନୁଯାୟୀ ପୂଜା କଲେ ଭଗବାନ ଗଣେଶ ପ୍ରସନ୍ନ ହୋଇ ଭକ୍ତଙ୍କ ସଙ୍କଟ ଦୂର କରିଥାନ୍ତି ଓ ମନୋସ୍କାମନା ପୂରଣ କରିଥାନ୍ତି। ହିନ୍ଦୁ ଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଗଣେଶଙ୍କୁ ଆରାଧନା କରାଯାଇଥାଏ। ଗଣେଶ ରିଦ୍ଧି-ସିଦ୍ଧି ଦାତା ଓ ଶୁଭ-ଲାଭ ପ୍ରଦାତା। ଗଣେଶ ଭକ୍ତଙ୍କ ବାଧାବିଘ୍ନ, ସଙ୍କଟ, ରୋଗ ଦୋଷ ତଥା ଦରିଦ୍ରତା ଦୂର କରିଥାନ୍ତି। ବିଶ୍ୱାସ ରହିଛି ଯେ ବୁଧବାର ଦିନ ସଚ୍ଚୋଟ ମନରେ ଗଣେଶଙ୍କୁ ଆରାଧନା କଲେ ଓ ମନ୍ତ୍ର ଜପ କଲେ ସମସ୍ୟା ସମାଧାନ ହୋଇଥାଏ। ଗଣେଶ ଅମଙ୍ଗଳ ଦୂର କରିଥାନ୍ତି। ଯାହା ଉପରେ ଭଗବାନ ଗଣେଶ କୃପା କରନ୍ତି ସେମାନଙ୍କ ଜୀବନର ସମସ୍ତ ବାଧା ଦୂର ହୋଇଥାଏ। ଗଣେଶ ଯେତେ ଶୀଘ୍ର ରାଗି ଯାଆନ୍ତି ସେତେ ଶୀଘ୍ର ମାନି ମଧ ଯାଇଥାନ୍ତି। ଶାସ୍ତ୍ରରେ କିଛି ସରଳ ଉପାୟ ରହିଛି ଯାହାଦ୍ୱାରା ଗଣେଶ ପ୍ରସନ୍ନ ହୋଇଥାନ୍ତି।



୧. ଦୁବ ଅର୍ପଣ କରନ୍ତୁ - ଗଣେଶଙ୍କୁ ପ୍ରସନ୍ନ କରିବାର ସବୁଠାରୁ ସରଳ ଉପାୟ ହେଲା ପ୍ରତିଦିନ ସକାଳୁ ସ୍ନାନ ଆଦି ସାରି ଗଣେଶଙ୍କୁ ୫ଟି ଦୁବ ଘାସ ଅର୍ପଣ କରନ୍ତୁ। ଦୁବକୁ ଗଣେଶଙ୍କ ମସ୍ତକରେ ଚଢ଼ାଇବା ଉଚିତ। ଚରଣରେ ଦୁବ ରଖିବେନି। ଦୁବ ଅର୍ପଣ କଲାବେଳେ ଏହି ମନ୍ତ୍ର ଜପିବେ- ଇନ୍ଦ ଦୁର୍ବାଦଲଂ ଓଂ ଗଂ ଗଣପତୟେ ନମଃ

୨. ସମୀ ଅର୍ପଣ କରନ୍ତୁ - ଶାସ୍ତ୍ର ଅନୁସାରେ ସମୀ ଏକମାତ୍ର ଏମିତି ଗଛ ଯାହାକୁ ପୂଜା କଲେ ଗଣେଶ ଓ ଶନିଦେବ ପ୍ରସନ୍ନ ହୁଅନ୍ତି। କଥାରେ ଅଛି ଭଗବାନ ଶ୍ରୀରାମ ମଧ ରାବଣ ଉପରେ ବିଜୟ ପାଇବା ପାଇଁ ସମୀ ବୃକ୍ଷକୁ ପୂଜା କରିଥିଲେ। ସମୀ ଗଣେଶଙ୍କ ଅତ୍ୟନ୍ତ ପ୍ରିୟ। ନିୟମିତ ଗଣେଶଙ୍କୁ ସମୀ ପତ୍ର ଅର୍ପଣ କରନ୍ତୁ। ଏହାଦ୍ୱାରା ଘରକୁ ଧନ ଓ ସୁଖ ସମୃଦ୍ଧି ଆସିଥାଏ।

୩. ଚାଉଳ ଅର୍ପଣ କରନ୍ତୁ - ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାକୁ ପବିତ୍ର ଚାଉଳ ଅର୍ପଣ କରନ୍ତୁ। ଯେଉଁ ଚାଉଳ ଭାଙ୍ଗି ନଥାଏ ତାକୁ ପବିତ୍ର ଚାଉଳ କୁହାଯାଏ। ପୂଜାରେ ସବୁବେଳେ ଅରୁଆ ଚାଉଳ ବ୍ୟବହାର କରାଯାଏ। ଗଣେଶଙ୍କୁ ଶୁଖିଲା ଚାଉଳ ଅର୍ପଣ କରାଯାଏନାହିଁ, ଓଦା କରି ଅର୍ପଣ କରାଯାଏ। ଏହି ମନ୍ତ୍ର କହି ୩ଥର ଚାଉଳ ଅର୍ପଣ କରନ୍ତୁ- ଇନ୍ଦ ଅକ୍ଷତମ୍ ଓଂ ଗଂ ଗଣପତୟେ ନମଃ

୪. ଗଣେଶଙ୍କ ପ୍ରିୟ ନାଲି ସିନ୍ଦୁର- ଗଣେଶଙ୍କୁ ନାଲି ସିନ୍ଦୁର ବହୁତ ପସନ୍ଦ। ଗଣେଶଙ୍କୁ ପ୍ରସନ୍ନ କରିବାକୁ ସିନ୍ଦୁରରେ ତିଳକ କରନ୍ତୁ। ଗଣେଶଙ୍କୁ ତିଳକ କରିବା ପରେ ନିଜ ମଥାରେ ମଧ ତିଳକ ଲଗାନ୍ତୁ। ଏହାଦ୍ୱାରା ଗଣେଶଙ୍କ କୃପା ପ୍ରାପ୍ତ ହେବାସହ ଆର୍ଥିକ ସମସ୍ୟା ଓ ବିଘ୍ନ ଦୂର ହୋଇଥାଏ। ଗଣେଶଙ୍କୁ ସିନ୍ଦୁର ଅର୍ପଣ କଲାବେଳେ ଏହି ମନ୍ତ୍ର କୁହନ୍ତୁ- ସିନ୍ଦୁର ଶୋଭନମ ରକ୍ତଂ ସୌଭାଗ୍ୟଂ ସୁଖବର୍ଦ୍ଧନମ୍ । ଶୁଭଦଂ କାମଦଂ ଚୈଓ୍ୱ ସିନ୍ଦୁରଂ ପ୍ରତିଗୃହ୍ୟତାମ୍ୟାୟ ଓଁ ଗଂ ଗଣପତୟେ ନମଃ।



# ଭକ୍ତର ଶୁଖିଲା ଶାଗରେ ସନ୍ତୁଷ୍ଟ ହେଲେ ଭଗବାନ

ମହାଭାରତ ଯୁଦ୍ଧ ସମୟର କଥା । ପାଣ୍ଡବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ନିକଟକୁ ଆସିଥାନ୍ତି । ମାତ୍ର ଏହି ସନ୍ଧିକୁ ଦୁର୍ଯ୍ୟୋଧନ ସ୍ୱୀକାର କଲା ନାହିଁ । ବାସୁଦେବ ଫେରିଆସିଲେ। ଏହି ସମୟରେ



ଧୃତରାଷ୍ଟ୍ର, ଗାନ୍ଧାରୀ ଓ ଦୁର୍ଯ୍ୟୋଧନ ମିଶି ବାସୁଦେବଙ୍କୁ ସେମାନଙ୍କ ରାଜଭବନରେ ଅତିଥି ହେବା ଲାଗି ନିମନ୍ତ୍ରଣ କଲେ। ମାତ୍ର ପାଣ୍ଡବଙ୍କ ଦୂତ ହୋଇ ଆସିଥିବାରୁ ଶ୍ରୀକୃଷ୍ଣ ଏଥିପାଇଁ ମନାକଲେ । ପ୍ରକୃତରେ ସେ ବିଦୂରଙ୍କ ଘରେ ରହିବାକୁ ଚାହୁଁଥିଲେ। କୃଷ୍ଣଙ୍କ ମଧୁର ସ୍ୱର ଶୁଣି ବିଦୂରଙ୍କ ପତ୍ନୀ ଭକ୍ତିରେ ତଲ୍ଲୀନ ହୋଇଗଲେ । କୃଷ୍ଣଙ୍କୁ ଅତିଥି ରୂପେ ପାଇ ସେ ନିଜକୁ ଧନ୍ୟ ମନେ କଲେ। ଶେଷରେ ଖାଇବା ବେଳ ଆସିଲା । ବିଦୂରଙ୍କ ପତ୍ନୀ କଦଳୀ ଚୋପା ଛଡ଼ାଇ ଖାଇବାକୁ ଦେଉଥିଲେ । କୃଷ୍ଣଙ୍କୁ ପାଖରେ ପାଇ ସେ ଏତେମାତ୍ରାରେ ଭକ୍ତିରେ ବିହ୍ୱଳ ହୋଇପଡ଼ିଥିଲେ ଯେ କଦଳୀକୁ ତଳେ ଫିଙ୍ଗି ଦେଇ କୃଷ୍ଣଙ୍କୁ ଚୋପା ଖାଇବାକୁ ଦେଲେ । କୃଷ୍ଣ ମଧ ତାଙ୍କ ଠାରୁ ଚୋପା ଖାଇବାକୁ ଲାଗିଲେ । କୃଷ୍ଣଙ୍କୁ ଶୁଖିଲା ଶାଗ ଖାଇବାକୁ ଦେଇଥିଲେ ବିଦୂରଙ୍କ ପତ୍ନୀ। କିନ୍ତୁ କୃଷ୍ଣ ଯେତେବେଳେ ସେହି ଶାଗକୁ ଧରିଲେ ତାହା ମିଠାରେ ପରିଣତ ହୋଇଗଲା। ଏହାଦେଖି ସମସ୍ତେ ଚକିତ ହୋଇଗଲେ। ପତ୍ନୀ ତାଙ୍କର ଅନ୍ୟମନସ୍କ ଭାବେ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଉଥିବା ଦେଖି ବିଦୂର ଧାଇଁ ଆସିଲେ । କୃଷ୍ଣଙ୍କୁ କଦଳୀ ଖାଇବାକୁ ଦେବା ସହ ପତ୍ନୀଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ମାତ୍ର ଭଗବାନ କୃଷ୍ଣ କହିଲେ, ମୋତେ ତ' କଦଳୀ ଚୋପା, ଶୁଖିଲା ଶାଗ ଖାଇବାରେ ହିଁ ଆନନ୍ଦ ମିଳୁଥିଲା । ଆପଣ ଓ ଆପଣଙ୍କ ଧର୍ମପତ୍ନୀଙ୍କ ଭକ୍ତିରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ଆପଣ ଅପରାଧବୋଧ କରିବା ଅନୁଚିତ୍ ।

ବର୍ଷ-୨୪, ସଂଖ୍ୟା-୨୨୭
ଭୁବନେଶ୍ୱର
୧୬ ସେପ୍ଟେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 227
Bhubaneswar
16 September, 2024, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ରାଜ୍ୟରେ ରେଳ ବିକାଶର ନୂଆ ଯୁଗ ଆରମ୍ଭ : ମୋହନ





**ଭୁବନେଶ୍ୱର,୧୫।୯(ନି.ପ୍ର):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଓଡିଶାରେ ତିନୋଟି ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି।ଏଥିମଧ୍ୟରୁ ବ୍ରହ୍ମପୁର-ଟାଟାନଗର ଓ ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଗଡ଼ିଥିବାବେଳେ ଆସନ୍ତାକାଲି ଗଡ଼ିବ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ। ପୂର୍ବରୁ ଓଡ଼ିଶାରେ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଗଡୁ ଥିଲା ଏଥିରେ ଆଉ ୨ ଯୋଡ଼ିହୋଇଛି। ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ବସି ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଷ୍ଟେସନରୁ ଭୁବନେଶ୍ୱର ଫେରିଥିଲେ।

ଏହି ଅବସରରେ ଟ୍ରେନ୍‌ରେ ଉପସ୍ଥିତ ଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିଠାରୁ ଓଡିଶାରେ ରେଳ ବିକାଶର ସୁବର୍ଣ୍ଣଯୁଗ ଆରମ୍ଭ ହେଲା। ଓଡିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡିଶାବାସୀଙ୍କ ପକ୍ଷରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଓଡିଶାର ଗୋଟିଏ ଦୁଇଟି ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାକୁ ରେଳ ସଂଯୋଗ ହୋଇଛି। ଖୁବ ଶୀଘ୍ର ରାଜ୍ୟର ସବୁ ଜିଲ୍ଲା ସଦର ମହକୁମାକୁ ରେଳ ସଂଯୋଗ କରାଯିବ ଏବଂ ଆଗାମୀ ଦିନରେ ସବ୍‌ଡିଭିଜନ ସ୍ତର ପର୍ଯ୍ୟନ୍ତ ରେଳ ସଂଯୋଗୀକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଦିଲ୍ଲୀ ଗସ୍ତ ସମୟରେ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ ଓଡିଶାରେ ରେଳ ବିକାଶ ସଂପର୍କରେ ଆଲୋଚନା କରିଥିଲେ। ରେଳମନ୍ତ୍ରୀ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଓଡିଶାରେ ରେଳ ବିକାଶ ପାଇଁ ସମସ୍ତ ସହଯୋଗ ଜାରି ରଖିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୧୪ ମସିହାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାରେ ରେଳ ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ଓଡିଶାରେ ରେଳ ଭିତ୍ତିଭୂମି ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପୂର୍ବ ସରକାରଙ୍କ ସମୟରେ ବିଶେଷ ସହଯୋଗ ମିଳୁ ନ ଥିଲା। ବର୍ତ୍ତମାନ ଯେହେତୁ ଓଡିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି, ତେଣୁ ରେଳ ବିକାଶ ପାଇଁ ଉପୁଜୁଥିବା ସମସ୍ତ ପ୍ରତିବନ୍ଧକକୁ ହଟାଯାଇ ରେଳ ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ। ଓଡିଶାରେ ରେଳ ବିକାଶ ହେଲେ ରାଜ୍ୟର ପର୍ଯ୍ୟଟନ, ବାଣିଜ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି ଆସିବା ସହିତ ଆମର ଅର୍ଥନୀତି ସୁଦୃଢ ହେବ ବୋଲି ଶ୍ରୀ ମାଝୀ ଗଣମାଧ୍ୟମକୁ କହିଥିଲେ। ମୁଖ୍ୟମନ୍ତ୍ରୀ ରେଳ ଯୋଗେ ଆସିବା ସମୟରେ ଚିଲିକାର ମନୋରମ ଦୃଶ୍ୟ ଦେଖି ଅଭିଭୂତ ହୋଇଥିଲେ । ବନ୍ଦେ ଭାରତ ଟ୍ରେନ୍‌ରେ ଆସୁଥିବା ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ସହ ବାର୍ତ୍ତାଳାପ କରି ଏହି ଅତ୍ୟାଧୁନିକ ବନ୍ଦେ ଭାରତ ଟ୍ରେନ୍ ସଂପର୍କରେ ବୁଝାଇଥିଲେ ଏବଂ କହିଥିଲେ ଯେ ତୁମ ମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଆଜି ଓଡିଶାରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ତୁମ ମାନଙ୍କ ପାଇଁ ସବୁ କ୍ଷେତ୍ରରେ ଅତ୍ୟାଧୁନିକ ସୁବିଧା ସୁଯୋଗ ସୃଷ୍ଟି କରାଯାଉଛି। ଏହି ଟ୍ରେନ୍‌ରେ ଥିବା ଅନ୍ୟ ଯାତ୍ରୀ ମାନଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ।ମୁଖ୍ୟମନ୍ତ୍ରୀଙ୍କ ସହିତ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସଂପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିଥିଲେ । ବାଲୁଗାଁ ଷ୍ଟେସନଠାରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସାଂସଦ ସଂବିଦ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଖୋର୍ଦ୍ଧା ରୋଡ ଷ୍ଟେସନରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆସିଥିଲେ।

# ପରୀକ୍ଷାମୂଳକ ଭାବେ ସୁଭଦ୍ରା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ୧ଟଙ୍କା

**ଭୁବନେଶ୍ୱର,୧୫।୯ :** ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଜି ଯାଇଛି। ୧ ଟଙ୍କା ପରୀକ୍ଷାମୂଳକ ଭାବେ ଯୋଗ୍ୟ ହିତାଧିକାରୀଙ୍କ ଖାତାକୁ ୧ ଟଙ୍କା ଲେଖାଏଁ ପଠାଯାଇଛି। ସୁଭଦ୍ରା ଯୋଜନାକୁ ସ୍ୱାଗତ ପାଇଁ ଆଜି ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ବିଶାଳ ପଦଯାତ୍ରାରେ ଯୋଗଦେବା ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାଥମିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ଶେଷ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପାଖରେ ଯୋଜନା ନପହଞ୍ଚିବା ଯାଏଁ ରେଜିଷ୍ଟ୍ରେସନ୍ ଚାଲିବ। ଏଣୁ ୧୭ ତାରିଖକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ୧୭ ତାରିଖ ପରେ ବି ରେଜିଷ୍ଟ୍ରେସନ ହୋଇଥିବା ଆକାଉଣ୍ଟକୁ ପ୍ରଥମ କିସ୍ତି ଯିବ। ଉପ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସୁଭଦ୍ରା ଯୋଜନାରେ ଏଯାଏଁ ୬୦ଲକ୍ଷ ମହିଳା ପଞ୍ଜିକରଣ କରିସାରିଲେଣି। ସୁଭଦ୍ରା ଯୋଜନାକୁ ସ୍ୱାଗତ ପାଇଁ ଭୁବନେଶ୍ୱରରେ ଆଜି ବିଶାଳ ପଦଯାତ୍ରା ଆୟୋଜିତ ହୋଇଥିଲା ରାଜଧାନୀର ୟୁନିଟ ୩ ଗିରିଦୁର୍ଗା ମନ୍ଦିରଠାରୁ ରମାଦେବୀ ବିଶ୍ୱ ବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଏହି ପଦଯାତ୍ରା ହୋଇଥିଲା। ଏଥିରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, କେଭି ସିଂହ ଦେଓ ଓ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ବିଜେପିର ନେତା କର୍ମୀମାନେ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ କେଜ୍ରିୱାଲ୍

**ନୂଆଦିଲ୍ଲୀ,୧୫।୯(ମହାଭାରତ):** ଜେଲ୍‌ରୁ ମୁକୁଳିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆଜି ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଦୁଇ ଦିନ ମଧ୍ୟରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ନଭେମ୍ବରରେ ଦିଲ୍ଲୀରେ ନିର୍ବାଚନ ହେବାକୁ କେଜ୍‌ରିୱାଲ ମଧ୍ୟ ଦାବି କରିଛନ୍ତି। ତେବେ ତାଙ୍କ ଘୋଷଣା ପରେ ସିଏମ ପଦର ଦାୟିତ୍ୱ କିଏ ନେବ ସେନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ଦୌଡ଼ରେ କେଜରିୱାଲ ଜଣେ ମହିଳାଙ୍କ ଏଥିପାଇଁ ଗୁରୁ ଦାୟିତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି।



ସବୁଠୁ ଆଗରେ ଅଛନ୍ତି ଆତିଶୀ ମାରଲେନା। ବର୍ତ୍ତମାନ ସେ ଆମ ଆଦ୍‌ମୀ ପାର୍ଟି ସରକାରରେ ମନ୍ତ୍ରୀ ଅଛନ୍ତି।ସେ ଶିକ୍ଷା ବିଭାଗର ଦାୟିତ୍ୱରେ ଅଛନ୍ତି। ଯେତେବେଳେ କେଜରିାଲ ଏବଂ ମନୀଷ ସିସୋଡିଆଙ୍କ ପରି ଭେଟେରାନ ନେତାମାନେ ଜେଲରେ ଥିଲେ, ଆତିଶୀ ଦଳର ମଙ୍ଗ ଧରିଥିଲେ।ଦଳୀୟ ମୁଖ୍ୟାଳୟରେ ତାଙ୍କ କର୍ମୀଙ୍କୁ ସମ୍ବୋଧିତ କରିବାବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଦୁଇ ଦିନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଯାଉଛି। ଯେପର୍ଯ୍ୟନ୍ତ ଜନସାଧାରଣ ଏହାର ନିଷ୍ପତ୍ତି ନ ଦିଅନ୍ତି, ମୁଁ ମୁଖ୍ୟମନ୍ତ୍ରୀ ଚେୟାରରେ ବସିବି ନାହିଁ। ମୁଁ ପ୍ରତ୍ୟେକ ଘର ଏବଂ ଗଳିକନ୍ଦିକୁ ଯିବି ଏବଂ ଜନସାଧାରଣଙ୍କ ନିଷ୍ପତ୍ତି ନ ପାଇବା ପର୍ଯ୍ୟନ୍ତ ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସିବି ନାହିଁ। ସେ କହିଛନ୍ତି, ସେମାନେ ମୋତେ ଜେଲ୍ ପଠାଇଛନ୍ତି। କାରଣ ସେମାନଙ୍କର ଉଦ୍ଦେଶ୍ୟ ହେଉଛି ଆପ୍ ଏବଂ ଅରବିନ୍ଦ କେଜ୍‌ରିୱାଲଙ୍କ ସାହସ ଭାଙ୍ଗିବା। ସେମାନେ ଭାବିଥିଲେ ଯେ, ସେମାନେ ଆମ ଦଳ ଭାଙ୍ଗି ମୋତେ ଜେଲରେ ରଖି ଦିଲ୍ଲୀରେ ସରକାର ଗଠନ କରିବେ, କିନ୍ତୁ ଆମ ଦଳ ଏହା କରିଛି ଭାଙ୍ଗନ୍ତୁ ନାହିଁ...ମୁଁ ଜେଲରୁ ଇସ୍ତଫା ଦେଇନାହିଁ। କାରଣ ମୁଁ ଭାରତର ସମ୍ବିଧାନର ସୁରକ୍ଷା କରିବାକୁ ଚାହୁଁଥିଲି। ମୁଁ ସେମାନଙ୍କ ସୂତ୍ର ବିଫଳ କରିବାକୁ ଚାହୁଁଥିଲି। ସରକାର ଜେଲ୍‌ରୁ କାହିଁକି ଚାଲିପାରିବ ନାହିଁ ବୋଲି କେନ୍ଦ୍ର ସରକାର ପଚାରିଥିଲେ ସରକାର ଜେଲ୍‌ରୁ ଚାଲିପାରିବ ବୋଲି ସୁପ୍ରିମକୋର୍ଟ ପ୍ରମାଣ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ୮୧ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର,୧୫।୯(ମହାଭାରତ):** ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରାଯାଇଛି । ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ସେପ୍ଟେମ୍ବର ୧୭ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ। ସୁରକ୍ଷା ଦାୟିତ୍ୱରେ ୧୧ ଜଣ ଡିସିପି ରାଙ୍କ ଅଧିକାରୀ , ୨୨ ଜଣ ଅତିରିକ୍ତ ଡିସିପି, ୬୬ ଜଣ ଏସିପି, ୧୦୦ ଜଣ ଆଇଆଇଆସି, ୩୦୦ ଜଣ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ହେବେ। ବ୍ୟାପକ ମହିଳା ପୋଲିସ ଅଧିକାରୀ ମୁତୟନ କରାଯିବ। ଏସଟିୟୁ , ଓଡ୍ରାଫ, ୬ ଦୁଇ କମ୍ପାନୀ ସିଆରପିଏଫ ମଧ୍ୟ ମୁତୟନ ହେବେ । ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ବ୍ୟାରିକେଡ଼ କରାଯାଇଛି । ସାଧା ପୋଷାକଧାରୀ ପୋଲିସ, ଡଗ ସ୍କ୍ୱାର୍ଡ, ବମ ସ୍କ୍ୱାର୍ଡ ମୁତୟନ ରହିବେ । ଏହାସହିତ ୮୧ ପ୍ଲାଟୁନ ଫୋର୍ସ, ୫୦୦ ହୋମ ଗାର୍ଡ ମଧ୍ୟ ମୁତୟନ ହେବେ । ଏୟାରପୋର୍ଟରୁ ଜନତା ମୈଦାନ ଏବଂ ଗଡକଣ ପର୍ଯ୍ୟନ୍ତ ନୋ ଫ୍ଲାଇଙ୍ଗ ଜୋନ କରାଯାଇଛି । ଏସପିଜି ସହ ଆଲୋଚନା ହୋଇ ବ୍ଲୁ ବୁକ ଆଧାରରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମସ୍ତ ହାଇ ବିଲଡିଂ ଉପରେ ଫୋର୍ସ ରହିବେ । ଗଡକଣରେ ଗୋଟିଏ ଏବଂ ଜନତା ମୈଦାନରେ ଅସ୍ଥାୟୀ କଂଟ୍ରୋଲ ରୁମ ଖୋଲାଯାଇଛି । ସୁରକ୍ଷା ପାଇଁ ବାହାର ଜାଗାରୁ ପୁଲିସ ଅଧିକାରୀ ମାନଙ୍କୁ ଭୁବନେଶ୍ୱର ଅଣାଯାଇଛି । ଟ୍ରାଫିକ କଟକଣା ମଧ୍ୟ ଜାରି କରାଯିବ ବୋଲି ପୋଲିସ କମିଶନର ସଂଜୀବ ପଣ୍ଡା ସୂଚନା ଦେଇଛନ୍ତି ।








## ନ୍ୟାୟିକ ବ୍ୟବସ୍ଥା

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ। ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ। ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ। ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା। ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି। ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ। ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ। ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ। ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା। ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି। ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର। ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି। ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି। ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି। ମାମଲାର ୪୦ ବର୍ଷ ପରେ ବି ଯଦି ନ୍ୟାୟିକ ପ୍ରକ୍ରିୟା ଶେଷ ହୋଇପାରିଲାନି, ତେବେ ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଏହାକୁ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ। ବିଗତ ୪୦ ବର୍ଷ ଭିତରେ ଦେଶର ରାଜନୈତିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଗଲାଣି। ୪୦ ବର୍ଷ ଭିତରେ କଂଗ୍ରେସ ଅନେକ ବର୍ଷ ଧରି କ୍ଷମତାରେ ରହିଛି। ଅଭିଯୁକ୍ତମାନେ ମନ୍ତ୍ରୀ, ସାଂସଦ ହୋଇଛନ୍ତି। ତେଣୁ ମାମଲାକୁ ଚାପି ଦେବାକୁ ଭରପୂର ପ୍ରୟାସ କରାଯାଇଛି। ମାମଲା ଏବେ ବି ରହିଛି, କିନ୍ତୁ ଏହା ମୂଲ୍ୟହୀନ। ଯଦି ବା ଏବେ ତଳକୋର୍ଟରେ ମାମଲାର ଫଇସଲା ହୁଏ ଏବଂ ଅଭିଯୁକ୍ତ ଦଣ୍ଡିତ ହୁଅନ୍ତି ତେବେ ବି ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଅଭିଯୁକ୍ତମାନେ ଏହା ବିରୋଧରେ ଉପରକୋର୍ଟକୁ ଯାଇପାରନ୍ତି। ସୁପ୍ରିମକୋର୍ଟ ପର୍ଯ୍ୟନ୍ତ କଥା ଯିବ। ତେଣୁ ଦଣ୍ଡବିଧାନ ଚୂଡ଼ାନ୍ତ ହେବାକୁ ହୁଏ ଆହୁରି ୧୦ ବର୍ଷ ଲାଗିଯାଇପାରେ। ଏଭଳି ନ୍ୟାୟିକ ବ୍ୟବସ୍ଥା ଆମ ସମ୍ବିଧାନର ସବୁଠାରୁ ବଡ଼ ଦୁର୍ବଳତା ଏବଂ କଳଙ୍କ।

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

“

*ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ ।*

ଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ) । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି । ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା । ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ । କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ । ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚ ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ଼ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ଼ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍‌ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭୁଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।


ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ଦୂରଭାଷ : ୯୪୩୭୦୫୧୯୫୭


# ବିମାତା, କୁମାତା ନୁହେଁ

**॥ ଲକ୍ଷ୍ମୀ ପଟ୍ଟନାୟକ ॥**

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ଼୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଚ୍ଛ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।


ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ, କୁରମେଲ ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି


# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

**॥ ଡ .ସମନ୍ୱୟ ନନ୍ଦ ॥**

ବୋଧ ହୁଏ ବ୍ରିଟିଶ ମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱୋଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା ।

୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଉଦଳା ଠାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ

ଉଦଳା-(ମହାଭାରତ) : ମହିଳା ସଶକ୍ତିକରଣ ଉଦ୍ଦେଶ୍ୟରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସମଗ୍ର ରାଜ୍ୟରେ ସମର୍ପିତ ହେବାକୁ ଥିବା ସୁଭଦ୍ରା ଯୋଜନା ଆଗାମୀ ୧୭ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ଉଦଳା ବ୍ଲକ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମ, ଗ୍ରାମ ପଞ୍ଚାୟତ ଏବଂ ବିଜ୍ଞାପିତ ଅଞ୍ଚଳରେ ସୁଭଦ୍ରା ଯୋଜନାର ସଚେତନତା ପାଇଁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବ୍ଲକ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୃପ୍ତି ବରାଇ, ସି.ଡ଼ି.ପି.ଓ, କୃଷ୍ଣା ମହାପାତ୍ରଙ୍କ ତ□ାବଧାନରେ ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ (ବି.ପି.ସି, ମିଶନ ଶକ୍ତି ) ଅଭିଜିତ ମହାରଣା, (ବି.ପି.ଏ. ସି.ଏ ମିଶନ ଶକ୍ତି ) ଅଭିଜି କଟୁଆଳ, (ବି.ପି.ଏମ୍. ଓ ଏଲ୍.ଏମ୍ ) ନିରଞ୍ଜନ ନାୟକ, ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା, ବ୍ଲକ୍ ସ୍ତରୀୟ ମହାସଂଘ, ୱାର୍ଡ ସ୍ତରୀୟ ମହାସଂଘ, ପଞ୍ଚାୟତ ସ୍ତରୀୟ ମହାସଂଘ, ସି.ଆର.ପି. , ଏମ୍.ବି.କେ, ବ୍ୟାଙ୍କ ମିତ୍ର ଓ ଆଇସିଡ଼ିଏସ୍ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତ ସ୍ତରୀୟ ମହାସଂଘର ତ□ାବଧାନରେ ଗ୍ରାମ ଏବଂ ପଞ୍ଚାୟତ ମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମାନେ ସୁଭଦ୍ରା ସ୍ୱାଗତ ପଦଯାତ୍ରା କରିବା ସହିତ ହିତାଧିକାରୀ ମାନଙ୍କୁ ସଚେତନ କରାଇଥିଲେ ।

## ଆଜି ଠାରୁ ପାରାଦୀପର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ ବିଶ୍ୱକର୍ମା



ପାରାଦୀପ(ମହାଭାରତ): ପବିତ୍ର କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ଉତ୍ସବ ପାଳିତ ହୋଇଥାଏ । ବିଶ୍ୱକର୍ମା ପୂଜା ପାଇଁ ପ୍ରସିଦ୍ଧି ଲାଭ କରିଥିବା ବନ୍ଦର ଓ ଶିଳ୍ପ ସହର ପାରାଦୀପ ଏଥି ପାଇଁ ଉତ୍ସବମୁଖର ହୋଇ ଉଠିଛି । ଆଜିଠାରୁ ପାରାଦୀପର ପ୍ରାୟ ୧୪ ଗୋଟି ପୂଜା ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ । ପାରାଦୀପ ବଡପଡିଆଠାରୁ ନୂଆବଜାର ରିକ୍ରେସନ୍ କ୍ଲବ ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପରେ ପୂଜା ଆରମ୍ଭ ହେଉଛି । ସୁଉଚ୍ଚ ତୋରଣ ସାଙ୍ଗକୁ ଆର୍କଷଣୀୟ ଆଲୋକମାଳାରେ ସଜେଇ ହୋଇଛି ପାରାଦୀପ ସହର । ପାରାଦୀପର ବିଭିନ୍ନ ଶ୍ରମିକ ସଙ୍ଗଠନ, ଟ୍ରକ୍ ମାଲିକ ସଂଘ, ଡର ମାଲିକ ସଂଘ, ବନ୍ଦର ବିଦ୍ୟୁତ ବିଭାଗ, ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ, ବନ୍ଦର ମେରାଇନ୍ ବିଭାଗ,ଅଟୋ ମାଲିକ ସଂଘ, ମତ୍ସ୍ୟ ଉତ୍ପାଦକ ସଂଘ ପକ୍ଷରୁ ସୁନ୍ଦର ମୂର୍ତ୍ତୀ ପ୍ରସ୍ତୁତ କରାଯାଇଛି । ଦର୍ଶକମାନଙ୍କ ମନୋରଂଜନ ପାଇଁ ପ୍ରତିଦିନ ସଂନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମେଲୋଡି, ଡ୍ୟାନ୍ସ , ଭଜନ ସମାରୋହ ଆଦିର ଆୟୋଜନ କରାଯାଇଛି । ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ବଡପଡିଆ ଠାରୁ ନୂଆବଜାର ରିକ୍ରେସନ୍ କ୍ଲବ ପର୍ଯ୍ୟନ୍ତ ରାସ୍ତା କଡରେ ବ୍ୟବସାୟୀମାନେ ଦୋକାନମାନ ଖୋଲିଛନ୍ତି । ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ପାରାଦୀପ ପୋଲିସ୍ ପକ୍ଷରୁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଛି । ପୂଜା ମଣ୍ଡପ ମଧ୍ୟକୁ କୌଣସି ଯାନବାହନ ପ୍ରବେଶ ଉପରେ ରୋକ ଲଗାଇଛି ପାରାଦୀପ ପୋଲିସ୍ । ବଡପଡିଆ, ମଧୁବନ, ନୂଆବଜାର ଆଦି ରାସ୍ତାରୁ ଯେପରି କୌଣସିବି ଗାଡି ଯେପରି ପୂଜାମଣ୍ଡପ ଅଂଚଳକୁ ପ୍ରବେଶ ନକରିବ ସେଥି ପାଇଁ ରାସ୍ତାର ପ୍ରବେଶ ପଥରେ ପୋଲିସ ମୁତୟନ ହେବେ ବୋଲି ଜଣା ପଡିଛି । ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ପୋଲିସ୍ ମୁତୟନ ହେବେ । ଲକ୍ଷାଧିକ ଜନସମାଗମ ହେବେ ପ୍ରଦୂଷଣ ବଢିବ ସେଥି ପାଇଁ ପାରାଦୀପ ପୌରପାଳିକା ପକ୍ଷରୁ ରାତ୍ରୀକାଳୀନ ସଫେଇର ବନ୍ଦୋବସ୍ତ କରାଯାଇଛି । ସଫେଇ କର୍ମଚାରୀମାନେ କେବଳ ଦିନ ନୁହେଁ ରାତିରେ ମଧ୍ୟ ସଫେଇ କରିବେ ବୋଲି ନଗରପାଳ ବସନ୍ତ ବିଶ୍ୱାଳ କହିଛନ୍ତି । ପାରାଦୀପ ବନ୍ଦର ପକ୍ଷରୁ ନିରବଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ବିଗତ ବର୍ଷମାନଙ୍କ ପରି ପାରାଦୀପ ପୋର୍ଟ ମଜଦୁର ସଂଘ, ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ, ଭାରତୀୟ ବନ୍ଦର ମଜଦୁର ସଂଘ, ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ସଂଘ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନ ଭଳି ଶ୍ରମିକ ସଙ୍ଗଠନମାନେ ଏହି ପୂଜା ଉତ୍ସବରେ ସାମିଲ ହୋଇଛନ୍ତି । ତୋରଣ, ଆଲୋକ ସଜା ଓ ମୂର୍ତ୍ତୀ ପାର୍ଶ୍ୱ ସାଜସଜାରେ ପୌରପାଳିକା ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ପୂଜା ମଣ୍ଡପର ଆୟୋଜକମାନେ ସାଜସଜା କରିବାରେ ଲାଗି ପଡିଥିଲେ । ପ୍ରାୟ ମାସକ ଆଗରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ଖବର ପ୍ରସାରଣରେ ସହାୟତା ନିମନ୍ତେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ସାମ୍ବାଦିକ ପ୍ରକୋଷ୍ଠ ଚଳିତ ବର୍ଷ ମଧ୍ୟ ଖୋଲାଯାଇଛି । ପାରାଦୀପ ସମେତ ବିଭିନ୍ନ ସ୍ଥାନରୁ ଆସୁଥିବା ସାମ୍ବାଦିକମାନେ ଏହି ସ୍ଥାନରେ ବସି ଖବର ପଠାଇବାର ବନ୍ଦୋବସ୍ତ କରାଯାଇଛି ।



## କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ନବମ ସାମ୍ବିଧାନିକ ସମ୍ମିଳନୀ



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର ନବମ ସାମ୍ବିଧାନିକ ସମ୍ମିଳନୀ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପାୟଲ ମ୍ୟୁଜିକ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ବିମଳ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ତିନିବର୍ଷର ଆର୍ଥିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । "ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ସମସ୍ୟା" ଶୀର୍ଷକ ଆଲୋଚନା ଚକ୍ର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ବିଶିଷ୍ଟ ଅତିଥି ଭାବେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ମାନୀତ ଅତିଥି କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା, ନିର୍ମଳ କୁମାର ଜେନା, ସହ ସମ୍ପାଦକ ପ୍ରଦୀପ୍ତ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ନେତୃତ୍ୱ ତ୍ରୈଲୋକ୍ୟ ସ୍ୱାଇଁ, କାଳୀପ୍ରସାଦ ନାୟକ, ତପନ କୁମାର ସିଂହ, କ୍ଷୀରୋଦ କୁମାର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ଅଧିବେଶନରେ ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆସନ୍ତା ତିନିବର୍ଷ ପାଇଁ ଜିଲ୍ଲା ନେତୃତ୍ୱ ଚୟନ କରାଯାଇଥିଲା । ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, କାର୍ଯ୍ୟକାରୀ ସଭାପତି ବାବାଜୀ ଚରଣ ଦାସ, ଉପସଭାପତି ସଞ୍ଜୀୟ କୁମାର ସାମଲ, ବିଚିତ୍ର କୁମାର ସାହୁ, ମହିଳା ଉପସଭାପତି ରୀନା ରାଉତ, ସମ୍ପାଦକ ଭଗବାନ ସାହୁ, ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, ମହିଳା ଯୁଗ୍ମ ସମ୍ପାଦକ ସରୋଜିନୀ ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ରୂପେ ଆଦିକନ୍ଦ ସାହୁ, ସନ୍ତୋଷ କୁମାର ବରାଳ, ମହେଶ୍ୱର ସାହୁ, ରବିନ୍ଦ୍ର କୁମାର ଦାସ, ଗୃହୀତ ସଦସ୍ୟା ରୂପେ ମଧୁଛନ୍ଦା ନାଥଶର୍ମା, ବିଜନ କୁମାର ନାୟକ, ବିଶ୍ୱଜିତ ଦାସ, ଶିବପ୍ରସାଦ ବଳ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟ କାର୍ଯ୍ୟକାରୀ ସଭାପତି ଶପଥ ପାଠ କରାଇଥିବା ବେଳେ ସାଧାରଣ ସମ୍ପାଦକ ନାମ ଘୋଷଣା କରିଥିଲେ ।

## ତୁଳସୀ ମହୋତ୍ସବ ଉଦ୍‌ଯାପିତ



କେନ୍ଦ୍ରାପଡା,(ମହାଭାରତ): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ସହାୟତାରେ ଗରାପୁରସ୍ଥିତ ସ୍ୱୟଂସିଦ୍ଧା କଣ୍ଟିନେଣ୍ଟାଲ ପରିସରରେ ୨ୟ ବାର୍ଷିକ ତୁଳସୀ ମହୋତ୍ସବ- ୨୦୨୩-୨୪ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଉଦ୍‌ଘାଟକ ଭାବେ ପ୍ରଫେସର ନନ୍ଦକିଶୋର ପରିଡା, ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ତବଲା ଗୁରୁ ସମୀରଂଜନ ଦାସ, ଡା. ବିଶ୍ୱପ୍ରକାଶ କାନୁଗୋ ଏବଂ କେନ୍ଦ୍ରାପଡା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ଯୋଗଦେଇ ତୁଳସୀ ମହୋତ୍ସବର ତାତ୍ପର୍ଯ୍ୟ ସମେତ କଳାପୀଠ କେନ୍ଦ୍ରାପଡାର ପ୍ରଥିତ ଯଶା କଳାକାରମାନଙ୍କର ଉତ୍କଳୀୟ କଳା ସଂସ୍କୃତିର ବିକାଶ କ୍ଷେତ୍ରରେ ଥିବା ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ରେଡିଓ ଭାବଗ୍ରାହୀର ଶିଳ୍ପୀ ନିରୁପମା ଜେନା, ରୂପାଲି ସୂତାର, ରାଜଲକ୍ଷ୍ମୀ ପରିଡା ଏବଂ ଅର୍ଚ୍ଚନା ପରିଡା ସ୍ୱାଗତ ସଂଗୀତ ଗାଇଥିଲେ । ବିମଳ ପରିଡା, ନିରୁପମା ଏବଂ ସୌଭାଗିନୀ ଅକ୍ଷୟ ସଂଗୀତ ଗାଇଥିଲେ । କଣ୍ଢେଇ ନାଚ ଗୁରୁ ଫକୀର ସିଂହ ସୂତା କଣ୍ଢେଇ ନୃତ୍ୟ ପରିବେଷଣ କରିଥିଲେ । ବଲାଙ୍ଗିର ଜିଲ୍ଲାର କିଶୋର ଜାଲ୍ ଏବଂ ସାଥି ସମ୍ବଲପୁରୀ ନୃତ୍ୟ, କଟକ ସହରର ଶେଖ୍ ବଜାରରୁ ଆସିଥିବା ନୃତ୍ୟ ଜ୍ୟୋତିର କଳାକାର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ସ୍ମୃତିରେଖା ବିଶ୍ୱାଳ, ଅଙ୍କିତା ପରିଡା, ପ୍ରତୀକ୍ଷା ନାୟକ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ପୂର୍ବକ ବିବରଣୀ ପାଠ କରିଥିଲେ । ତରାଣ୍ଡୋ ସରକାରୀ ନୋଡାଲ୍ ହାଇସ୍କୁଲରେ ମହୋତ୍ସବ ଉପଲକ୍ଷେ ଆୟୋଜିତ ସଂଗୀତ, ନୃତ୍ୟ, ଏକକ ଅଭିନୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଶିଷ୍ଟ ଚିକିତ୍ସକ ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, ଡା. ସ୍ନେହଲତା କାନୁନ୍‌ଗୋ, ଡା. ମନୋରଞ୍ଜନ ଦାଶ, କଣ୍ଠଶିଳ୍ପୀ ଆଦିକନ୍ଦ ସାହୁ, ଉପେନ୍ଦ୍ର ପାଢୀ, ଶିକ୍ଷକ ଚକ୍ରଧର ସାମନ୍ତରାୟ, ଗୋବର୍ଦ୍ଧନ ସ୍ୱାଇଁ ଏବଂ ନିରୁପମା ଜେନାଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସଂଗୀତଜ୍ଞ ବୀଣାପାଣି ଦାସ, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ପଣ୍ଡିତ ପଦ୍ମନାଭ ଦାଶ, ନୃସିଂହ ଚରଣ ତ୍ରିପାଠୀ, ସଂଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର, ବାଣୀ ବିନୋଦ ସଭାପତି ନିରଞ୍ଜନ ପରିଡା, ସବିତା ପଣ୍ଡା, ଭୀମସେନ ପ୍ରଧାନ, ବିପିନ ବିହାରୀ ପରିଡା, ବାସନ୍ତୀ ମହାପାତ୍ର, ଭବାନୀ ପ୍ରସାଦ ଓଝା, ଶିକ୍ଷା ପ୍ରଶାସକ କାଶୀନାଥ ରାଉତରାୟ, ଶିକ୍ଷିକା କ୍ଷେତ୍ରମଣୀ ଦେଈ, ମାନଭଞ୍ଜନ ପ୍ରଧାନ, ନିରୋଜ ନଳିନୀ ମହାନ୍ତି, ପ୍ରଭାତ ବେହେରା, ସମ୍ପଦ ପରିଡା, ବାଦ୍ୟଯନ୍ତ୍ର ଶିଳ୍ପୀ ରଞ୍ଜନ ବରାଳ, ଅଜୟ ଜେନା, ବଳରାମ ମଲିକ, ଅମର ବିଶ୍ୱାଳ, ଶେକ୍ ଚାନ୍ଦ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମା ତୁଳସୀ ଦେବୀ, ସଂଗୀତଜ୍ଞ ଅକ୍ଷୟ ମହାନ୍ତି, କବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡାଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ସମୀରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କାନ୍ଥ ପଡି ଜଣେ ବୃଦ୍ଧ ମୃତ

କପ୍ତିପଦା/ଉଦଳା - (ମହାଭାରତ ): କପ୍ତିପଦା - ଘରେ ରାତିରେ ଶୋଇଥିଲେ, ହେଲେ ଲଗାଣ ବର୍ଷାରେ ରାତିରେ ଭୁଶୁଡି ପଡିଲା କାୟ୍ୟ କାନ୍ଥ ତଳେ ଚାପି ହୋଇ ଚାଲିଗଲା ବ୍ୟକ୍ତିଙ୍କ ଜୀବନ। ଏଭଳି ଘଟଣା ଘଟିଛି ଉଦଳା ଥାନା ମାର୍ସିଙ୍ଗା ଗ୍ରାମରେ। ଗ୍ରାମର ଟୁନୁ ବିନ୍ଧାଣି ଗତକାଲି ରାତିରେ ଖାଇ ସାରି ଘରେ ଶୋଇଥିଲେ। ହେଲେ ଲଗାଣ ବର୍ଷା କାରଣରୁ ରାତିରେ ଘରର ମାଟି କାନ୍ଥ ଭୁଶୁଡି ପଡିଥିଲା। ମାଟି କାନ୍ଥ ତଳେ ଚାପି ହୋଇ ରହିଗଲେ ଟୁନୁ ବିନ୍ଧାଣି। ପରେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏବଂ ତାଙ୍କ ବଡ଼ଭାଇ ଘଟଣାସ୍ଥଳରେ ପହଞ୍ଚି କାନ୍ଥ ତଳୁ ଟୁନୁ ବିନ୍ଧାଣୀଙ୍କୁ ଉଦ୍ଧାର କରିଥିଲେୟ କିନ୍ତୁ କାୟ ତଳେ ଚାପି ହୋଇ ଟୁନୁଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ଜଣାପଡିବା ପରେ ଉଦଳା ବିଧାୟକ ଭାସ୍କର ମଢେଇ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଏହା ସହିତ ମୃତକଙ୍କ ପରିବାରକୁ ସରକାରୀ ସ୍ତରରେ ସହାୟତା ମିଳିବ ବୋଲି କହିଛନ୍ତି ଉଦଳା ବିଧାୟକ।

## ଭାଲୁ ଆକ୍ରମଣ ରେ ୨ ଜଣ ଆହତ

କରଞ୍ଜିଆ,(ମହାଭାରତ)ସାତକୋଶିଆ ରେଞ୍ଜ ଅଞ୍ଚଳରେ ରବିବାର ଦିନ ଭାଲୁ ଆକ୍ରମଣ ରେ ୨ ଜଣ ଆହତ ହୋଇଛନ୍ତି । ୨ ଆହତ ମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ ସକାଳ ୬ଟା ସମୟରେ ସାତକୋଶିଆ ରେଞ୍ଜ ମହୁଲଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଭାଲୁ ଆକ୍ରମଣ ରେ ୨ ଜଣେ ଆହତ ହୋଇଛନ୍ତି ।ଘଟଣାସ୍ଥଳ ରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି। ଆହତ ୨ଜଣ ସେହି ଗ୍ରାମର ଚିନସିଂ ସିଙ୍କୁ (୨୭)ଓ ଗଗରାମ ହୋ (୫୫)ବୋଲି ଜଣାପଡିଛି। ୨ଜଣ ଘର ପାଖ ପୋଖରୀ କୁ ଶୌଚ ପାଇଁ ଯାଉଥିବା ସମୟରେ ନିକଟ ଜଙ୍ଗଲ ଭିତରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଦେଇଥିଲେ ।ପାଖରେ ଥିବା ଅନ୍ୟ ଲୋକ ମାନେ ପାଟି କରିବାରୁ ଭାଲୁ ସେଠାରୁ ଖସି ପଳାଇ ଯାଇଥିଲା। ଘଟଣାସ୍ଥଳ ରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଆରମ୍ଭ ହେଲା ମାଲକ୍ଷ୍ମୀଙ୍କର ହେଲା ମାଟି ଅନୁକୂଳ

ହିନ୍ଦୋଳ(ମହାଭାରତ)ସାରା ଦେଶରେ ଏବେ ପାର୍ବଣ ଋତୁ, ଆରମ୍ଭ ହେ ମା ଦୁର୍ଗା, ମା କାଳୀ, ମାଲକ୍ଷ୍ମୀଙ୍କ ଧାରବ□କ୍ଷରଣ । ସେଥିପାଇଁ ବହୁ ଜାକଜମକରେ ମାଙ୍କ ପୂଜାର୍ଚନା ହେ ଝଲସିବ ଆଲୋକ ମାଳରେ ସହର ଗାଁ, ବାଦ୍ୟ ମୃଦଙ୍ଗର ତାଳେ ତାଳେ ପୂଜା ପାଇବେ ମା। ଓଡିଶାରେ ମଧ୍ୟ ଏହି ମାହୋଲ ସର୍ବୋପରି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ମାଙ୍କ ଆଗମନ ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ସେଥିପାଇଁ ହିନ୍ଦୋଳରେ ମା ଧନଧାତ୍ରି ମହାଲକ୍ଷ୍ମୀଙ୍କ ପୂଜା ପାଇଁ ହେଲାଲାଣି ମାଟି ଅନୁକୂଳ ତେବେ ଆଜି ରାଧାକୃଷ୍ଣ ଲକ୍ଷ୍ମୀପୂଜା କମିଟି ନୂତନ ପାଟଣା ପକ୍ଷରୁ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପଲକ୍ଷେ ଆଜି ହିନ୍ଦୋଳ ମଧୁବନ ପଡ଼ିଆ ନିକଟରୁ ଯଥାରିତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କାର୍ଯ୍ୟ କରାଯାଇଅଛି । ଚଳିତ ବର୍ଷ ଅକ୍ଟୋବର ୧୬ ତାରିଖ ଠାରୁ ୯ ଦିନ ବ୍ୟାପି ମା ଲକ୍ଷ୍ମୀ ଙ୍କର ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଆଜିର ମାଟି ଅନୁକୂଳ ଏହାର ପ୍ରଥମ ଶୁଭ କାର୍ଯ୍ୟ ଅଟେ। ଏହି କାର୍ଯ୍ୟକ୍ରମରେ ନୁତପଟଣା(ୱାର୍ଡନଂ-୧୧) ରାଧାକୃଷ୍ଣ ଲକ୍ଷ୍ମୀପୂଜା କମିଟି ତରଫରୁ ପୂଜାକମିଟି ସଭାପତି ତଥା ପୂର୍ବତନ କାଉନସିଲର ଗ୍ରାମସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ, କୋଷାଧକ୍ଷ ଗଣେଶ୍ୱର ବେହେରା, କମିଟି ସଦସ୍ୟ ଶ୍ରୀକାନ୍ତ ମହାପାତ୍ର,ପ୍ରଶାନ୍ତ ବେହେରା, ଶୀଧେଶ୍ୱର ପ୍ରଧାନ, ଦେବାର୍ଚ୍ଚନ ଦେହୁରୀ, ସଂଗ୍ରାମ ମହାପାତ୍ର, ଚଗଲା ଜେନା, ପ୍ରଦ୍ୟୁମ୍ନ ମିଶ୍ର, ଚିନୁ ମିଶ୍ର, ଶ୍ରୀମୁଖ ମହାପାତ୍ର, ଚିକୁ, ଚିକୁ, ମନୋଜ ପୃଷ୍ଟି, ସିପୁଙ୍କ ସହ ଶତାଧିକ ସମସ୍ତ କମିଟି ସଦସ୍ୟ ମାଟିପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ରାଧାକୃଷ୍ଣ ପୂଜା କମିଟି ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ ସମୟ ଧରି ପ୍ରତିବର୍ଷ ଭିଁଡ ଓ ନିଆରା ପୂଜା ଆୟୋଜନ କରୁଥିବାରୁ ସଦାସର୍ବଦା ଚର୍ଚ୍ଚିତ ରହିଥାଏ ।ଏହି ପୂଜାକମିଟିରେ ରୁପା ମକୁଟ, ସୁନାରୁପା ହାର,ଚିତା, ଚୁଡ଼ି ରେ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ବିରାଜମାନ କରି ଦର୍ଶନ ଦିଅନ୍ତି। ହିନ୍ଦୋଳ ଏନ ଏ ସି ରେ ପ୍ରାୟ ୧୫ରୁ ଉର୍ଦ୍ଧ ମଣ୍ଡପରେ ମା ଲକ୍ଷ୍ମୀ ବିରାଜମାନ କରନ୍ତି ଏବଂ ଅତ୍ୟନ୍ତ ଶାନ୍ତିଶୃଙ୍ଖଳା ସହକାରେ ୯ଦିନ ପୂଜା ଓ ଭସାଣି ଯୋଗୁଁ ହିନ୍ଦୋଳ ଏନ ଏ ସି ସାରା ରାଜ୍ୟରେ ଏକ ପରମ୍ପରା ସୃଷ୍ଟି କରିଛି।

## ସ୍ୱର୍ଗତ ହାଡିବନ୍ଧୁ ପରିଜାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା

କଣ୍ଟାପଡ଼ା(ମହାଭାରତ): ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଜଗନ୍ନାଥପୁର ଗ୍ରାମର ଧର୍ମପରାୟଣ ମୁରବୀ ସ୍ୱର୍ଗତ ହାଡିବନ୍ଧୁ ପରିଜାଙ୍କ ଏକାଦଶାହ ସ୍ମୃତି ଚାରଣ ସଭା ହୋଇଥିଲା। ଏକ ୱେବ ଚ୍ୟାନେଲ ଏହି ସ୍ମୃତି ଚାରଣ ସଭାକୁ ଆୟୋଜନ କରିଥିଲେ। ଆୟୋଜିତ ଏହି ସ୍ମୃତି ଚାରଣ ସଭାକୁ ସଭାପତିତ୍ୱ କରିଥିଲେ ଗାୟକ ସୁଧାକର ଯୁଧିଷ୍ଠିର ପରିଜା । ପ୍ରଥମେ ସ୍ୱର୍ଗତ ହାଡିବନ୍ଧୁ ପରିଜାଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ପରେ ସ୍ମୃତି ଚାରଣ କରାଯାଇଥିଲା। ଏହି ସ୍ମୃତି ଚାରଣ ସଭାରେ ୱେବ ଚ୍ୟାନେଲର ମୁଖ୍ୟ ସମ୍ପାଦକ ଡ.ଭବାନୀ ଶଙ୍କର ପାତ୍ର ଅଧ୍ୟକ୍ଷ ହୃଦାନନ୍ଦ ସାହୁ ଓ ସହ ସମ୍ପାଦକ ସନାତନ ପରିଜା ଉପସ୍ଥିତ ଥିବା ମାନ୍ୟଗଣ ବ୍ୟକ୍ତି ଓ ଅଞ୍ଚଳର ସାମ୍ବାଦିକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ।

## ଗଣେଷ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ଆସିକା (ମହାଭାରତ):କର୍ପୁର ନୂଆଗାଁ ମା ବନଦୂର୍ଗା ଯୁବକ ସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମହାଡମ୍ବର ସହିତ ଗଣେଶ ପୂଜା ଆୟୋଜିତ କରାଯାଇଥିଲା। ଗତକାଲି ମା ବନଦୂର୍ଗା ଯୁବକ ସଂଘ ଏବଂ ମା ବିଶ୍‌ଭାରତୀ ଶିକ୍ଷା ନିକେତନ ଶିକ୍ଷା ଅନୁଷ୍ଠାନ ର ମିଳିତ ପ୍ରଚେଷ୍ଟା ଚରେ କୁନି କୁନି ଛାତ୍ର ଛାତ୍ରୀ ଏବଂ ଗ୍ରାମର କିଛି ଯୁବକ ଭାଇ ମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପ□ ତଥା ଗ୍ରାମ୍ୟ ସଭାପତି ବିଜୟକୁମାର ଦଳାଇ ,ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲାପରିଷଦ ଗୌରହରି ବେହେରା ,ୱାର୍ଡ ସଭ୍ୟ ବିଜୟ କୁମାର ମହାକୁଡ଼, କଳାକାର ,ଲେଖକ ,ଗାଳ୍ପିକ ,ସାମ୍ବାଦିକ ,ଜଣେ ନିର୍ଦ୍ଦେଶକ ଭାବେ ଆମ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ରତ୍ନାକର ସୀୟ ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗ୍ରାମର କଂଗ୍ରେସ ଦଳାଇ,ସୋମନାଥ ସାହୁ,ପଞ୍ଚାନନ ଦଳାଇ , ବସନ୍ତ କୁମାର ଦଳାଇ , ପ୍ରତାପ ସାହୁ ଏବଂ ମା ବିଶ୍‌ଭାରତୀ ଶିକ୍ଷା ନିକେତନ ର ପରିଚାଳକ ତଥା ଜଣେ ଲେଖକ କବି ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ରହି ଉକ୍ତ ସାଂସ୍କୃତିକ କାର୍ଯକ୍ରମ କୁ ସଫାଲ୍ୟ ମଣ୍ଡିତ କରିଥିଲେ ଏବଂ ଶିଶୁ କଳାକାର ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ବଦଳରେ ବୃକ୍ଷ ଦେଇ ସମାଜକୁ ଏକ ନୂତନ ଶିକ୍ଷା ଦେବା ସହ ଏକ ସମାଜକୁ ପ୍ରଦୂଷଣ ମୁକ୍ତ କରିବା ଏବଂ ବୃକ୍ଷ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ।

## ଖୁଲମଖୁଲା ଲାଂଚ ମାଗୁଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ

ବରୀ,(ମାହାଭାରତ); ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦିନକୁ ଦିନ ସାଧାରଣ ଲୋକ ମାନଙ୍କୁ ସଠିକ ସ୍ୱାସ୍ଥ୍ୟ ସେବା ମିଳିବାରେ ଅସୁବିଧା ହେବାର ଅଭିଯୋଗ ହୋଇ ଆସୁଛି। କିଛି ଦିନ ତଳେ ବରୀ ଗସ୍ତରେ ଆସିଥିବା ଯାଜପୁର ଜିଲ୍ଲା ପାଳ ମଧ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଏଭଳି ଅବସ୍ଥା ଦେଖି ଚିନ୍ତା ପ୍ରକଟ କରିବା ସହିତ ତୁରନ୍ତ ଏହାର ସମାଧାନ କରିବାକୁ କର୍ଯ୍ୟ କରିବେ ବୋଲି କହିଥିଲେ। ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ହେଳା କରିବା ଘଟଣା ପରେ ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମଚାରୀ ପ୍ରିୟ ରଞ୍ଜନ ସାହୁ ସାଧାରଣ ଲୋକଙ୍କ କାମ କରିବାକୁ ଖୁଲମଖୁଲା ଲାଂଚ ମାଗୁଛନ୍ତି। ସାଧାରଣ ଲୋକ ଟିଏ ଜନ୍ମ ହେଉ କିମ୍ବା ମୃତ୍ୟୁ ପ୍ରମାଣ ପତ୍ର ଲାଗି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାଏ କିନ୍ତୁ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଏ ହି ପ୍ରମାଣ ପତ୍ର ଦେବା ଲାଗି ଲାଂଚ ମାଗୁଛନ୍ତି। ଏପରିକି ଲାଂଚ ନଦେଲେ କାମ ହେବ ନାହିଁ ବୋଲି ରୋକ ଠୋକ ଶୁଣାଇ ଦେଉଛନ୍ତି। ସରକାରୀ ନିୟମ ଅନୂଯାୟୀ ଜନ୍ମ କିମ୍ବା ମୃତ୍ୟୁ ପ୍ରମାଣ ପତ୍ର ନେବାଲାଗି ଟ୍ରେଜେରିରେ ୧୨ ଟଙ୍କା ପୈଠ କରି ରସିଦ ଆଣିବାକୁ ପଡିଥାଏ ଓ ପରବର୍ତି ସମୟରେ ଏହି ରସିଦ ଦେଖାଇ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରମାଣ ପତ୍ର ନେବାକୁ ପଡିଥାଏ। କିନ୍ତୁ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଜଣଙ୍କ ଲୋକ ମାନଙ୍କୁ ସିଧା ଶୁଣାଇ ଦେଉଛନ୍ତି କି ମତେ ଏତିକି ଟଙ୍କା ଦିଅ ମୁଁ ତୁମକୁ ପ୍ରମାଣ ପତ୍ର ଦେବି ନହେଲେ ତମେ ହଇରାଣ ହେବ। କର୍ମଚାରୀ ଶ୍ରୀ ସାହୁଙ୍କ ଲାଂଚ ମାଗିବା ଭିଡିଓ ଅଡିଓ ସାମାଜିକ ଗଣ ମାଧ୍ୟମରେ ପ୍ରଚାରିତ ହେବା ପରେ ଏହି କର୍ମଚାରୀଙ୍କ କାରନାମା ଲୋକ ଲୋଚନକୁ ଆଶିଛି। ସାଧାରଣ ଲୋକ ମାନଙ୍କୁ ସାହାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦରମା ନେଇ ଚାକିରି କରିଥିବା ସମୟରେ ଏଭଳି ଲୋକ ମାନଙ୍କୁ କାର୍ଯ୍ୟାଳୟରେ ବସି ଲାଂଚ ମାଗିବା ଓ ନେବା ଘଟଣା ଲୋକ ଲୋଚନ କୁ ଆସିବା ପରେ ସାଧାରଣରେ କର୍ମଚାରୀଙ୍କ ଲାଂଚ ଖୋର ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାରେ ପ୍ରଶ୍ନ ଉଠେକି ଜଣେ କର୍ମଚାରୀ ଅଫିସ୍ ରେ ବସି ସାଧାରଣ ଲୋକଙ୍କୁ ଲାଂଚ ମାଗୁଥିବା ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କୁ ଏହି ବିଷୟରେ କିପରି କିଛି ଜଣ ପଡିନାହିଁ ନା ଅଧିକାରୀ ସବୁ ଜାଣିଶୁଣି ଚୁପ ବସିଛନ୍ତି । ଦେଖିବାକୁ ବାକି ରହିଲା ଏହି ଲାଂଚ ଖୋର କର୍ମଚାରୀଙ୍କ ଉପରେ ବରୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ନା ରାଜନୈତିକ ଚାପରେ ଚାପି ହୋଇଯାଉଛନ୍ତି।

## ଖମାର ଓଭର ବ୍ରିଜ ତଳେ ମାରଣାସ୍ତ୍ର ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖମାର ଓଭର ବ୍ରିଜ ତଳେ ଜଣେ ଯୁବକର ମୃତ ଦେହ ଉଦ୍ଧାର ହୋଇଛି। ଯୁବକଙ୍କ ବେକରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ କେହି ମାରଣାସ୍ତ୍ରରେ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ମିଳିଥିବା ଖବର ଅନୁସାରେ ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖମାର ଗ୍ରାମ ଦେଇ ଯାଉଥିବା ନିର୍ମାଣଧିନ ରାଜପଥର ଓଭର ବ୍ରିଜ ତଳେ ଜଣେ ଯୁବକର ରକ୍ତାକ୍ତ ଅବସ୍ଥାରେ ଆଜି ଦିନ ସାଢ଼େ ଦୁଇଟା ବେଳେ ମୃତ ଦେହ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ମୃତ ବ୍ୟକ୍ତିଙ୍କ ଘର ଛେଳିଆପଡ଼ା ଅଞ୍ଚଳର ସନ୍ତୋଷ କୁମାର ଭଞ୍ଜଙ୍କ ପୁଅ ଭବାନୀ କୁମାର ଭଞ୍ଜ (୨୭) ବୋଲି ଜଣା ପଡ଼ିଛି। ପୂର୍ବ ଶତ୍ରୁତା କୁ କେନ୍ଦ୍ରକରି ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛ।

## ବିଶ୍ୱପ୍ରାଥମିକ ଉପଚାର ଦିବସ ପାଳିତ

କପ୍ତିପଦା -(ମହାଭାରତ )କପ୍ତିପଦା -କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ ପ୍ରାଥମିକ ଉପଚାର ଦିବସ ୟୁଥ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କ ଦ୍‌ୱାରା ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ପ୍ରାଥମିକ ଉପଚାରର ମୂଲ୍ୟବୋଧ ବିଷୟରେ ବକ୍‌ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଶ୍ରୀ ସିତକଣ୍ଠ ଦାସ ଓ ମୁଖ୍ୟ ବକ୍‌ତା ଭାବେ ଅଧ୍ୟାପକ ଶ୍ରୀ ଅଶୋକ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଶ୍ରୀ ବିଦ୍ୟାଧର ବେହେରା ଓ ଉଦୟନାଥ ବାରିକ ଦୁର୍ଘଟଣା ସମୟରେ ପ୍ରାଥମିକ ଉପଚାରର ଗୁରୁତ୍ୱ ସମ୍ବନ୍ଧେ ଆଲୋକପାତ କରିଥିଲେ । ୟୁଥ ରେଡକ୍ରସର ପରାମର୍ଶଦାତା ତଥା ପ୍ରାଥମିକ ଉପଚାର ମାଷ୍ଟର ଟ୍ରେନର ଅଧ୍ୟାପକ ମନୋରଞ୍ଜନ ବିହାରୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶ୍ରୀ ଯୋଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ନବରଙ୍ଗପୁର ଠାରେ ସୁଭଦ୍ରା ପଦ ଯାତ୍ରା ଅବସରରେ ଘରେ ଘରେ ସୁଭଦ୍ରା ର କାର୍ଯ୍ୟକ୍ରମ



ନବରଙ୍ଗପୁର (ମହାଭାରତ): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କର ସୁଭଦ୍ରା ଯୋଜନାର ବ୍ୟାପକ ସଚେତନତା ପାଇଁ ଆଜି ଜିଲ୍ଲାସ୍ତରୀୟ ଘରେ ଘରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି ଉପଲକ୍ଷେ ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ପାଞ୍ଚଶହ ରୁ ଉର୍ଦ୍ଧ ମହିଳା ହିତାଧିକାରୀ ମାନଙ୍କର ଏକ ଜନ ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ରୁ ବାହାରି ମିଶନ ଶକ୍ତି ସଭାଗୃହ ପର୍ଯ୍ୟନ୍ତ କରାଯାଇ ଥିଲା । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଆନ ପତାକା ଦେଖାଇ ଏହି ଜନ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ମହିଳା ମାନେ ଘରେ ଘରେ ସୁଭଦ୍ରା, ମୋହନ ବୁଝିଲେ ମା ଭଉଣୀଙ୍କ ମନ, ସୁଭଦ୍ରା ଦେବ ଆପଣଙ୍କ ହାତକୁ ଧନ ଆଦି ସ୍ଲୋଗାନ ଦେଇ ସହରପରିକ୍ରମା କରିଥିଲେ । ପରେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଆନଙ୍କ ଅଧକ୍ଷତା ରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଶ୍ରୀଯୁକ୍ତ ଦରୁଆନ ନିଜ ବକ୍ତବ୍ୟ ରେ ଜିଲ୍ଲାରେ ମୋଟ ତିନି ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନା ର ଲାଭ ପାଇବାର ଆକଳନ କରାଯାଇ ଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ କୋଡିଏ ହଜାର ହିତାଧିକାରୀ ଆବେଦନ କରିଛନ୍ତି ବୋଲି ସୂଚନା ଦେବା ସହିତ ଜଣେ ହିତାଧିକାରୀ ଯେପରି ତାଙ୍କର ପ୍ରାପ୍ୟ ରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଅଗ୍ରାଧିକାର ଭିତିରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହିତ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ନିଷ୍ଠାପର ଭାରେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର ସଭାର ଉଦେଶ୍ୟ ଜ୍ଞାପନ କରି ସୂଚନା ଦେଇଥିଲେ ଯେ ଜିଲ୍ଲାରେ ଅନୁରୂପ ଭାବରେ ସମସ୍ତ ବ୍ଲକ କାର୍ଯ୍ୟାଳୟ ରେ ଜନ ସଚେତନତା ଶୋଭାଯାତ୍ରା ଓ ସଚେତନ ବୈଠକ କରାଯାଇଛି ।ଏଥି ସହିତ ସେ ସୁଭଦ୍ରା ଯୋଜନା ର ହିତାଧିକାରୀଙ୍କ ମାନଦଣ୍ଡ ଗୁଡିକୁ ଉପସ୍ଥିତ ହିତାଧିକାରୀ ମାନଙ୍କୁ ବୁଝାଇ ଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗ ଦେଇ ହିତାଧିକାରୀ ମାନେ ଶୁଣାକଥାରେ ଭ୍ରମରେ ନପଡି ନିକଟସ୍ଥ ଜନସେବା କେନ୍ଦ୍ର ମାଧମ ରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଉପଜିଲ୍ଲାପାଳ ପ୍ରକାଶ ପ୍ରକାଶ ଚନ୍ଦ୍ର ମିଶ୍ର ଡିଜିଟାଲ କାରବାର କରୁଥିବା ମହିଳାଙ୍କୁ ଅଧିକ ଆର୍ଥିକ ସହାୟତା ମିଳିବାର ସୂଚନା ଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହାୟକ ଜିଲ୍ଲାପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ , ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସସ୍ମିତା ସାମନ୍ତରାୟ , ମାଧୁରୀ ତ୍ରିପାଠୀ , ଜିଲ୍ଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି , ସିଡ଼ିପିଓ ସବିତା ରାଣୀ ବ୍ରହ୍ମା , ଭାବରଞ୍ଜନ ସିଗଧର , ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ , ସୁନିତା ପାତ୍ର ,ବ୍ଲକ ସଂଯୋଜକ ମାମୁନ କୁମାର କର ଓ ସର୍ବେଶ ପଟ୍ଟନାୟକ ପ୍ରମୁଖ ମାନେ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ମିସନ ଶକ୍ତି ସଂଯୋଜକ ହର୍ଷାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉମରକୋଟ ରେ ବଢିଛି ଡେଙ୍ଗୁ ରୋଗୀ ଙ୍କ ସଂଖ୍ୟା , ଅନେ୍ୱଷା ହଷ୍ଟେଲ ସମ୍ମୁଖ ରେ କୁଡ଼ କୁଡ଼ ମଇଳା ଆବର୍ଜନା,



ଉମରକୋଟ(ମହାଭାରତ): ଡେଙ୍ଗୁ ନିୟନ୍ତ୍ରଣ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇବା ପରେ ଉମରକୋଟ ପୌର ପରିଷଦ ପକ୍ଷରୁ ମଧ ଅନୁରୂପ ତତ୍ପରତା ଦେଖାଇଥିଲା । ମଶା ତେଲ ଓ ମଶା ଧୂଆଁ ପ୍ରତ୍ୟକ ୱାର୍ଡ ରେ ସିଞ୍ଚନ ପ୍ରକ୍ରିୟା ଆରମ୍ଭ କରାଯିବା ପରେ ସହର ବାସୀ ଙ୍କ ମଧ୍ୟରେ ସାମାନ୍ୟ ଅୟଶସ୍ତି ଆସିଥିଲା ଯେ ସହର ରେ ଡେଙ୍ଗୁ ନିୟନ୍ତ୍ରଣ ରେ ଆସିବ। ଦୁର୍ଭାଗ୍ୟ ବଶତଃ ମଶା ଧୂଆଁ ଓ ମଶା ତେଲ ସହର ରେ ମାତ୍ର ଗୋଟିଏ ଦିନ ହିଁ ସି□ନ ଓ ଧୂଆଁ ସ୍ପ୍ରେ କରିବା ପରେ ଏହି କାର୍ଯ୍ୟ ବନ୍ଦ ହେଇ ଯାଇଛି। ଏପରି କି ସହର ର ସମସ୍ତ ୱାର୍ଡ ରେ ଆଗାମୀ ଦିନ ଗୁଡିକରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ମଧ ଦିଆ ଯାଇଥିଲାୟ କିନ୍ତୁ ତାହା କେବଳ ଧୂଆଁ ବାଣ ରେ ହିଁ ସୀମିତ ରହିଥିଲା। ଅନ୍ୟ ପକ୍ଷ ରେ ଉମରକୋଟ ସହର ରେ ଡେଙ୍ଗୁ ମହାମାରୀ ଭାବେ ଦେଖା ଗଲାଣି ୟ ବିଶେଷ କରି ସହର ର ୯ ନମ୍ବର ୱାର୍ଡ ରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭିର ହେଇ ଯାଇଛି। ସହର ର ସବୁ ସାହି ରେ ଡେଙ୍ଗୁ ରୋଗୀ ଅଛନ୍ତିଉମରକୋଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ସୂଚନା ଅନୁସାରେ ଆଜି ସୁଦ୍ଧା ଉମରକୋଟ ସହର ରେ ୧୨୩ ଜଣ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଡେଙ୍ଗୁ ଟେଷ୍ଟ ପାଇଁ ପଠା ଯାଇଥିଲା ଏବଂ ସେଥି ମଧ୍ୟରୁ ୨୭ ଜଣ ଙ୍କ ଡେଙ୍ଗୁ ପଜିଟିବ ଚିହ୍ନଟ ହେଇଛି। କିନ୍ତୁ ବେସରକାରୀ ଭାବେ ଏହାର ସଂଖ୍ୟା ୪୦୦ ରୁ ଉର୍ଦ୍ଧ୍ୱ ଥିବା ଅନୁମାନ କରାଯାଉଛି। ଉମରକୋଟ ରେ ଡେଙ୍ଗୁ ରୋଗୀ ସଂଖ୍ୟା ବଢିବାର ମୁଖ୍ୟ କାରଣ ହେଉଛି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିବୟ ଓ ପ୍ରତି ୱାର୍ଡରେ ସ୍ଥାନେ ସ୍ଥାନେ କୁଡ଼ କୁଡ଼ ଅଳିଆ ପଡି ରହିଛି, ବର୍ଷା ଲାଗି ରହିଥିବା ପରିସ୍ଥିତି ଗମ୍ଭୀର ହେଇ ଯାଇଛି। ଅନ୍ୟପଟେ ଆଗକୁ ପାର୍ବଣ ର ଋତୁ ତଥା ଦୁର୍ଗା ପୂଜା ରହିଥିବା ଯୋଗୁଁ ସହର କୁ ସଫା ରଖିବା ପାଇଁ ସାଧାରଣତଃ ବିଭିନ୍ନ ମହାଲରୁ ଦାବି ହେଉଛି। ସହର ର ୫ ନମ୍ବର ୱାର୍ଡ ରେ ଝରୀଗାଁ ରୋଡ଼ ଭାସ୍କେଲ ନଦୀ କୂଳରେ ଉମରକୋଟ ପୌର ପରିଷଦ ଯେଉଁ ପରିମାଣ ର ଅଳିଆ କୁଡ଼ କରିଛି । ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକଙ୍କ ନାକ ଦୁର୍ଗନ୍ଧ ରେ ନାକ ଫାଟି ପଡୁଛି। ହେଲେ ପୌର ପ୍ରଶାସନର ନଜର ଏଥି ପ୍ରତି ନିକ୍ଷେପ ହେଉ ନ ଥିବ ସହର ବାସୀ ଅଭିଯୋଗ କରିଛନ୍ତି । ଏହି ମଇଳା କୁଡ଼ ସମ୍ମୁଖ ରେ ମଙ୍ଗଳ ବିଭାଗ ର ଅନ୍ୱେଷା ହଷ୍ଟେଲ ରହିଛି। ଏହି ହଷ୍ଟେଲ ରେ ପ୍ରାୟ ୫୦୦ ରୁ ଉର୍ଦ୍ଧ ପିଲା ରହୁଛନ୍ତି ।ଡେଙ୍ଗୁ ରୋଗ ନା ଶୁଣିବା ମାତ୍ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେବା ସହ ସେମାନ ଙ୍କ ଜୀବନ ପ୍ରତି ମଧ ବିପଦ ଦେଖା ଯାଇଛି। ଯଦି ଛାତ୍ର ଛାତ୍ରୀ ଙ୍କ ଡେଙ୍ଗୁ ରୋଗରେ କାହାର କିଛି କ୍ଷତି ହେଲେ ଦାୟୀ କିଏ ରହିବେ ବୋଲି ସହର ବାସୀ ପ୍ରଶ୍ନ ପଚାରିଛନ୍ତି। ତୁରନ୍ତ ଅନେ୍ୱଷା ହଷ୍ଟେଲ ସମ୍ମୁଖ ରୁ ପୌର ପରିଷଦ ମଇଳା ଆବର୍ଜନା ସଫା କରିବା ସହ ସହର ର ପ୍ରତି ୱାର୍ଡ ରେ ଧୂଆଁ ଓ ତେଲ ସି□ନ କରିବା ପାଇଁ ସହର ବାସୀ ଦାବୀ କରିଛନ୍ତି।

## ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଓ ସାମୁହିକ ଆଲୋଚନାଚକ୍ର

କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୁ ବାହାରି ପୁରୁଣା ବସ ଷ୍ଟାଣ୍ଡ ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସୂଚନା ଥାଉକି ମହିଳା ମାନଙ୍କ କଲ୍ୟାଣକାରୀ ଯୋଜନା ସୁଭଦ୍ରା ପାଇଁ ବର୍ତ୍ତମାନ ଆବେଦନ ଏବଂ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ମାନ ତୃଣମୂଳ ସ୍ତରରୁ ଜିଲ୍ଲାସ୍ତର ଯାଏଁ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା ପଦଯାତ୍ରକ୍ଷରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମହିଳା,ଆଶା, ଅଙ୍ଗନବାଡି କର୍ମୀ, ସୁଭଦ୍ରା ଯୋଜନାର ଆବେଦନକାରୀ ମହିଳାଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱମହିଳା ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଯୋଗଦାନରେ ଏହି ଶୋଭାଯାତ୍ରା ବାହାରିଥିଲା ।ଏହି ପଦଯାତ୍ରାକୁ ମାନନୀୟ ଲୋକସଭା ସାଂସଦ କଳାହାଣ୍ଡି ଶ୍ରୀମତୀ ମାଳବିକା ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ପାୱାର ସଚିନ ପ୍ରକାଶ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କଳାହାଣ୍ଡି, ଦୟାମୟ ପାଢୀ ଙ୍କ ଉପସ୍ଥିତିରେ ସବୁଜପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁ ନ ନିଶା, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ବି ଡି ଓ, ଭବାନୀ ପାଟଣା,ଚନ୍ଦନ ଭୋଇ, ଡି ପି ଏମ୍,ଓ ଏଲ୍ ଏମ,ଚନ୍ଦନ ବେହେରା, ଏ ପି ଡି,ବିମ୍ବାଧର ସାହୁ ବିଭିନ୍ନ ବିଭାଗୀୟ ଅଧିକାରୀ ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେୟ ଏହି ପଦଯାତ୍ରା ସମାପନ ପରେପରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପାୱାର ସଚିନ ପ୍ରକଶ ଙ୍କ ଅଧକ୍ଷତାରେ ସୁଭଦ୍ରା ଯୋଜନା ସମ୍ପର୍କରେ ଦଳଗତ ଆଲୋଚନା ହୋଇଥିଲା । ଏଥିରେ ମାନ୍ୟବର ସାଂସଦ ଶ୍ରୀମତୀ ଦେଓ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ ଯୋଗ୍ୟ ମହିଳା ମାନେ ଏହାଦ୍ୱାରା କିପରି ଉପକୃତ ହେବେ ସେସମ୍ପର୍କରେ ଆଲୋକପାତ କରିଥିଲେ। କଳାହାଣ୍ଡି ଜିଲ୍ଲା ରେ ସୁଭଦ୍ରା ଯୋଜନା ରେ ୭ ଲକ୍ଷ ଯୋଗ୍ୟ ମହିଳା ଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଦୁଇ ଲକ୍ଷ କୋଡ଼ିଏ ହଜାର ରୁ ଉର୍ଦ୍ଧ୍ ମହିଳା ଆବେଦନ କରିଛନ୍ତି, ଜନସାଧାରଣ ଙ୍କୁ ଏ ସମ୍ପର୍କରେ ବ୍ୟାପକ ସଚେତନ କରିବା ପାଇଁ ଜିଲ୍ଲାସ୍ତରରୁ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମହିଳା ମାନେ ଏହି ଯୋଜନା ମାଧ୍ୟମରେ କିପରି ଉପକୃତ ହେବେ ସେଦିଗରେ ଜିଲ୍ଲାପ୍ରଶାସନ ର ପ୍ରଚେଷ୍ଟା ଜାରିରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢୀ ସମସ୍ତ ଙ୍କୁ ସ୍ୱାଗତ ଜଣାଇବା ସହିତ ସୁଭଦ୍ରା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

## ବଡଚଣା ମଣ୍ଡଳ ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା



ବଡଚଣା (ମହାଭାରତ) ଯାଜପୁର ଜିଲ୍ଲାର ବଡଚଣା ମଣ୍ଡଳ ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା ଛତିଆ ସରକାରୀ ବିଦ୍ୟାଳୟ ଖେଳ ପଡିଆରେ କ୍ରିଡାଉତ୍ସବ ଉଦଘାଟନ ହୋଇଯାଇଛି। ଏହି କ୍ରିଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବଡଚଣା ବିଧାୟକ ମାନ୍ୟବର ଅମର କୁମାର୍ ନାୟକ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭଉଦଘାଟନ କରିଥିଲେ। ଅତିଥି ମାନଙ୍କୁ ଫ୍ଲାଗ ମାର୍ଚ୍ଚ ଓ ସ୍ୱାଗତ ସଙ୍ଗୀତ କରି ମଞ୍ଚ ସ୍ଥଳକୁ ପାଛୋଟି ନେଇଥିବା ବେଳେ ଛାତ୍ରୀ ପ୍ରଜ୍ଞା ପ୍ରାଇଦର୍ଶିନୀ ସାହୁ ଶପଥ ପାଠ କରାଇ ଥିଲେ। ବି ଇ ଓ ସବିତା ସାହୁ ଅଧ୍ୟକ୍ଷତା କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଛତିଆ ସମିତି ସଭ୍ୟ ଦୀପକ ସାହୁ, କ୍ରିଡ଼ା ଶିକ୍ଷକ ରଞ୍ଜନ ସାହୁ ସଭା ସଞ୍ଚାଳନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ପର୍ସୁକାନ୍ତ ଜେନା, ସି ଆର୍ ସି ସି ରଶ୍ମିତା ମହାନ୍ତି , ଆନନ୍ଦ ଚରଣ ସେଠୀ,ଅକ୍ଷୟ କୁମାର ପଣ୍ଡା, କ୍ରିଡ଼ା ସଙ୍ଗଠନ ସମ୍ପାଦକ ଗଗନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ବଡଚଣା ଶିକ୍ଷା ମଣ୍ଡଳ ଅଧିନ ରେ ରହିଥିବା ସର୍ବମୋଟ ୬୦ ଗୋଟି ବିଦ୍ୟାଳୟ ମଧ୍ୟରୁ ୪୦ ଗୋଟି ବିଦ୍ୟାଳୟ ରୁ ୩୦୨ଜଣ ୧୭ ବର୍ଷରୁ କମ୍ ବୟସର ଛାତ୍ର ଛାତ୍ରୀ ମାନେ ,କବାଡି,ଭଲି ବଲ, ଖୋଖୋ ଇତ୍ୟାଦି ଖେଳରେ ଭାଗ ନେଇଛନ୍ତି।

## ଜିଲ୍ଲାସ୍ତରୀୟ ବିକାଶ ମେଳା ପାଇଁ ପ୍ରସ୍ତୁତି ବୈଠକ

ଗଜପତି(ମହାଭାରତ): ଜିଲ୍ଲାସ୍ତରୀୟ ବିକାଶ ମେଳା ଆୟୋଜନ ନିମନ୍ତେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଆସନ୍ତା ୨୦ ଠାରୁ ୨୨ ତାରିଖ ମଧ୍ୟରେ ବିଭିନ୍ନ ବିଭାଗର ସମନ୍ୱୟରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଗଜପତି ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ। ଏହି ବିକାଶ ମେଳାର ଉଦ୍ଦେଶ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୂ ପଦକ୍ଷେପ ପ୍ରଣୀତ ବିବିଧ ଯୋଜନା ଗୁଡିକ ସଂପର୍କରେ ସଚେତନତା କରାଯିବ। ସେହିପରି ଉଦ୍ଦେଶ୍ୟ ଓ କର୍ଯ୍ୟାନ୍ୱୟନ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା। ବହୁବିଧ କଲ୍ୟାଣକାରୀ ଦିଗ ଗୁଡ଼ିକ ସମ୍ପର୍କରେ ଜନ ସଚେତନା ସୃଷ୍ଟି କରିବା ଇତ୍ୟାଦିୟ ଏହି ସମନ୍ୱୟ ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମିଶନ ଶକ୍ତି ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମନ୍ୱିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଜନସାମାବେଶ, ଉନ୍ନୟନ ପ୍ରଦର୍ଶନୀ, ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲାର ଲୋକକଳାକାରଙ୍କୁ ନେଇ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼. ଗୁଣନିଧି ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ମାଧବ ନନ୍ଦ ନାୟକ, ଡିଏସପି ଡ଼.ଚନ୍ଦ୍ର ଶେଖର ହତା ସମେତ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଯୋଗ ଦେଇଥିଲେ ।

## ସୁଭଦ୍ରା ଯୋଜନା ପାଇଁ ଲୋକଙ୍କୁ ସଚେତନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦଯାତ୍ରା



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ସୁଭଦ୍ରା ଯୋଜନା ପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦଯାତ୍ରା କରାଯାଇଛି । ଏହି ଅବସରରେ ନୟାଗଡ଼ ବ୍ଲକ୍ ପ୍ରଶାସନ ପକ୍ଷରୁ ମହିଳା ମାନଙ୍କୁ ନେଇ ସୁଭଦ୍ରା ସଚେତନତା ପଦଯାତ୍ରା କରାଯାଇଥିଲା। ବ୍ଲକ୍ ଠାରୁ ମହିଳା ମାନେ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ସୁଭଦ୍ରା ଯୋଜନାର ସଫଳତା ନେଇ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା। ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ମାନେ କିଭଳି ସହଜ ରେ ସାମିଲ ହୋଇ ପାରିବେ ସେ ନେଇ ଗାଁ ଗାଁ ରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରୟାସ ଜାରୀ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲ୍ଲାର ଆଠଟି ଯାକ ବ୍ଲକ୍ ଅଞ୍ଚଳରେ ସୁଭଦ୍ରା ଯୋଜନାର ପରିକଳ୍ପନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପଦଯାତ୍ରା ଏବଂ ସଚେତନତା ନାଟକ ଓ ପ୍ରଚାର ରଥ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏଥି ସହିତ ସୁଭଦ୍ରା ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରାଇବା ପାଇଁ ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ଏନ୍ଏସି ଓ ମୁନିସିପାଲିଟି ଅଞ୍ଚଳରେ ଗଡିଛି ସୁଭଦ୍ରା ରଥ। ଏହାର ମୁଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଲା ସୁଭଦ୍ରା ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା। ସୁଭଦ୍ରା ଯୋଜନା କେବଳ ମହିଳା ମାନଙ୍କ ପାଇଁ, ଏହି ଯୋଜନାରେ ମହିଳାଙ୍କ ପାଇଁ ସରକାର ଫର୍ମ ଠାରୁ ଆରମ୍ଭ କରି ଅନଲାଇନ୍ ନାମ ପଞ୍ଜିକୃତ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ମାଗଣା ରହିଛି। ସୁଭଦ୍ରା ଯୋଜନା ରେ ସରକାର ମହିଳାଙ୍କ ପାଇଁ ୫୦ ହଜାର ଟଙ୍କା ମାଗଣାରେ ଦେବା ପାଇଁ ଘୋଷଣା କରିଛନ୍ତି। ନୟାଗଡ଼ ଜିଲ୍ଲାରେ ୧ ଲକ୍ଷ ୭୫ ହଜାର ରୁ ଉର୍ଦ୍ଧ ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଲକ୍ଷ୍ୟ ରହିଥିବା ବେଳେ ସାଢ଼େ ତିନି ଲକ୍ଷ ମହିଳାଙ୍କ ପାଇଁ ସୁଭଦ୍ରା ଫର୍ମ ଯୋଗାଇ ଦିଆଯାଉଥିବା ଜିଲ୍ଲାପାଳ କହିଛନ୍ତି।

## ସୁଭଦ୍ରା ଯୋଜନାର ସଚେତନ ପାଇଁ ବିଶାଳ ଶୋଭାଯାତ୍ରା





ବିଷମକଟକ(ମହାଭାରତ)ରାୟଗଡ଼ା ଜିଲା ବିଷମ କଟକ ବ୍ଲକ ପ୍ରଶାସନ ତଥା ମିଶନ ଶକ୍ତି ପକ୍ଷରୁ ସୁଭଦ୍ରା ଯୋଜନାର ସଚେତନ ପାଇଁ ବିଶାଳ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ସଦାଶିବ ନାୟକ,ଜୀବନ ଜୀବିକା ବିପିମ୍ ମାନସୀ ଟାକ୍ରି, ସିଡିପିଓ, ମିଶନ ଶକ୍ତି ବ୍ଲକ ଫେଡେରେଶନ,ମିଶନ ଶକ୍ତି ବିପିସି ଙ୍କ ନେତୃତ୍ୱରେ ଶତାଧିକ ସିଆରପି,ଏମ୍ବିକେ, ଫେଡେରେଶନ କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ,ଆଇସିଡିଏସ୍ କର୍ମୀମାନେ ଯୋଗ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାଟି ବ୍ଲକ କାର୍ଯ୍ୟାଳୟ ଠାରୁ ବାହାରି ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା ।ଏହି ଅବସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା,ଏଥିରେ ବିଡିଓ ସୁଭଦ୍ରା ଯୋଜନାକୁ ନେଇ ଯେମିତି ଲୋକଙ୍କ ପାଖରେ ଉପଯୁକ୍ତ ସୂଚନା ଦିଆଯାଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ମହିଳାମାନେ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇ ପାରିବେ ତାହାରି ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଇଓ ମାନେ ସହଯୋଗ କରିଥିଲେ। ସେହିପରି ବ୍ଲକ୍ ର ପ୍ରତ୍ୟେକ ପଞ୍ଚାୟତଠାରେ ସରପଞ୍ଚ, ଆଇସିଡିଏସ୍ କର୍ମୀ ନେତୃତ୍ୱରେ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରଯାଇଥିଲା।

## ସରିଲା ଡେଡ୍ ଲାଇନ୍ ହେଲେ ଆଗେଇଲା ନାହିଁ ଚିନିକଳ ଖୋଲିବା ନେଇ ରୋଡ୍ ମ୍ୟାପ

### ନିର୍ବାଚନୀ ପ୍ରତିଶୃତି ହେଲା ପାଣିର ଗାର



ନୟାଗଡ଼, ( ମହାଭାରତ ) : ସରିଲା ଡେଡ୍ ଲାଇନ୍ ହେଲେ ଆଗେଇଲା ନାହିଁ ଚିନିକଳ ଖୋଲିବା ନେଇ ରୋଡ୍ ମ୍ୟାପ। ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡି ରହିଥିବା ନୟାଗଡ଼ ଚିନିକଳ ପୁଣି ରି ଓପନ୍ ହେବ ଏବଂ ଚାଷୀଙ୍କ ମୁହଁରେ ହସ ଫୁଟିବ ବୋଲି ଗତ ସାଧାରଣ ନିର୍ବାଚନ ସମୟରେ ଏଭଳି ପ୍ରତିଶ୍ରୁତି ଦେଇଥିଲା ବିଜେପି। ପୁରୀ ସାଂସଦ ସମ୍ବିତ ପାତ୍ର କହିଥିଲେ ସେ ନିର୍ବାଚନ ଜିତିକି ଆସିବାର ୧୦୦ ଦିନ ମଧ୍ୟରେ ନୟାଗଡ଼ ଚିନିକଳର ରୋଡ୍ ମ୍ୟାପ ପ୍ରସ୍ତୁତ ହେବ ଏବଂ ଚାରି ବର୍ଷ ମଧ୍ୟରେ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ଲୋକାର୍ପିତ ହେବ ବୋଲି ପୁରୀ ସାଂସଦ ସମ୍ବିତ ପାତ୍ର ନୟାଗଡ଼ ବାସୀ ଙ୍କୁ ଦେଇଥିବା ପ୍ରତିଶ୍ରୁତି ସମୟ ସୀମା ଶେଷ ହୋଇଥିବା ରୁ ନୟାଗଡ଼ ଚିନିକଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେପଟେ ଦୀର୍ଘଦିନ ହେଲା ବନ୍ଦ ହୋଇ ପଡି ରହିଥିବା ଚିନିକଳ କାର୍ଯ୍ୟକ୍ଷମ ହେବା ନେଇ ଜିଲ୍ଲା ପ୍ରଶାସନର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା ବେଳେ ଚିନିକଳ କତୃପକ୍ଷ ତ୍ରୈଲୋକ୍ୟ ମିଶ୍ର ଏବଂ ଚିନିକଳ କ୍ରିୟାନୁଷ୍ଠାନ କମିଟି ସହ ଚିନିକଳ ଖୋଲିବା ନେଇ ଆଲୋଚନା କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର। କୃଷି ଭିତ୍ତିକ ଶିଳ୍ପ ଚିନିକଳକୁ ୨୦୦୪ ମସିହାରେ ରାଜ୍ୟ ସରକାର ଘରୋଇ କମ୍ପାନୀ ଇ. ସି. ପି କୁ ୫କୋଟି ୨୨ଲକ୍ଷ ଟଙ୍କାରେ ବିକ୍ରୀ କରିଥିଲେୟ ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଚିନିକଳ ଚାଲିଥିବା ବେଳେ ହଠାତ କର୍ତ୍ତୃପକ୍ଷ ଚିନିକଳକୁ ବନ୍ଦ କରିବାରୁ କମ୍ପାନୀ ଉପରେ ଚାଷୀ ଓ କର୍ମଚାରୀ ଙ୍କ କୋଟି କୋଟି ଟଙ୍କା ବାକି ରହିଲାୟ ଚିନିକଳ ବନ୍ଦ ହେବା ଠାରୁ ଜିଲ୍ଲାରେ ଚାଷୀ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଲଗି ରହିଥିବା ବେଳେ ସେପଟେ ଚିନିକଳ କତୃପକ୍ଷ କୋଟି କୋଟି ଟଙ୍କା ଚିନିକଳ ନାଁରେ ଋଣ ଉଠାଇ ଥିବାରୁ ୫କୋଟି ଟଙ୍କାରେ ବିକ୍ରୀ ହୋଇଥିବା ଚିନିକଳ ଏବେ ୨୦ କୋଟିରୁ ଉର୍ଦ୍ଧ ଟଙ୍କା ଋଣରେ ବ୍ୟାଙ୍କରେ ବୁଡି ରହିଛି। ସେପଟେ ସୁରକ୍ଷା ଅଭାବରୁ ପ୍ରତିଦିନ ଚିନିକଳ ରୁ ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଲୁଟ୍ ହେବା ରେ ଲାଗିଛି। ଚିନି କଳକୁ ନେଇ ନିର୍ବାଚନ ପୂର୍ବ ରୁ ପୁରୀ ସାଂସଦ ସମ୍ବିତ ପାତ୍ର ନୟାଗଡ଼ ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ପାଣିର ଗାର ବୋଲି ସାଧାରଣରେ ଚର୍ଚ୍ଚ ହେଉଛି।

# ଭଙ୍ଗା ଆଙ୍ଗୁଠିରେ ଖେଳି ଦ୍ୱିତୀୟ ସ୍ଥାନରେ ନୀରଜ

ନୂଆଦିଲ୍ଲୀ,୧୫।୯: ଭାରତର ଜାଭେଲିନ ଷ୍ଟାର ନୀରଜ ଚୋପ୍ରା ବଡ଼ ଖୁଲାସା କରିଛନ୍ତି। ଶନିବାର ରାତିରେ ଡାଇମଣ୍ଡ ଲିଗ୍ ଫାଇନାଲ ଖେଳିଥିବା ନୀରଜ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ସେ ଏହି ଫାଇନାଲ ମ୍ୟାଚ୍ ଭଙ୍ଗା ଆଙ୍ଗୁଠିରେ ଖେଳିଥିଲେ ବୋଲି ସୂଚନା ଦେଇଛନ୍ତି।

ଏକ୍ସରେ ଗୋଟିଏ ପୋଷ୍ଟ କରି ନୀରଜ ବ୍ରୁସେଲ୍ସରେ ଖେଳା ଯାଇଥିବା ଫାଇନାଲରେ କେମିତି ସଂଘର୍ଷ କରିଥିଲେ, ସେକଥା ସୂଚନା ଦେଇଛନ୍ତି। ଫାଇନାଲରେ ସେ ୮୭.୮୬ ମିଟର ଦୂରକୁ ଜାଭେଲିନ ଫିଙ୍ଗି ଦ୍ୱିତୀୟରେ

## ଆଣ୍ଡରସନ ପିଟର୍ସ ୮୭.୮୭ ମିଟର, ପ୍ରଥମ, ନୀରାଜ ୮୭.୮୬ ମିଟର

ରହିଥିଲେ। ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୭.୮୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଡାଇମଣ୍ଡ ଲିଗ ଟ୍ରଫି କବଜା କରିଥିଲେ। ନୀରଜ ମାତ୍ର ଗୋଟିଏ ସେଣ୍ଟିମିଟରର ପାଇଁ ଚାମ୍ପିୟନ ହୋଇ ପାରି ନଥିଲେ। ସେହିପରି ଜର୍ମାନୀର ଜୁଲିଆନ ବେବର ୮୫.୯୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ତୃତୀୟ ସ୍ଥାନରେ ରହିଛନ୍ତି।

ନୀରଜ ଫାଇନାଲ ଶେଷ ହେବା ପରେ ସୋଶାଲ ମିଡିଆରେ ତାଙ୍କ ବାମ ହାତର ଏକ୍ସ-ରେ ଫଟୋ ପୋଷ୍ଟ କରିଛନ୍ତି। ତାଙ୍କ ରିଙ୍ଗ ବା ଅନାମିକା ଆଙ୍ଗୁଠି ଭାଙ୍ଗି



ଯାଇଥିବା ଦେଖିବାକୁ ମିଳିଛି ଅର୍ଥାତ ସେ ଭଙ୍ଗା ଆଙ୍ଗୁଳିରେ ଫାଇନାଲ ଖେଳିବା ସହ ଭାରତ ପାଇଁ ରୌପ୍ୟ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

ଗତକାଲି ଫାଇନାଲରେ ମଧ୍ୟ ନୀରଜ ପ୍ରତିଟି ଥ୍ରୋ ବେଳେ ଚିନ୍ତିତ ଥିବା ଭଳି ଲାଗୁ ଥିଲେ। ସେ ନିଜକୁ ଅଧିକ ପୁଶ କରୁ ନଥିଲେ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିବା ନୀରଜ କହିଛନ୍ତି ଯେ ଆହତ ସମସ୍ୟା ସତ୍ତ୍ୱେ ସେ ଚଳିତ ଋତୁର ଶେଷ ପ୍ରତିଯୋଗିତା ଖେଳିବାକୁ ପ୍ରତିବଦ୍ଧ ଥିଲେ ଯଦିଓ ସେ ବ୍ୟକ୍ତିଗତ ଆଶା ଅନୁସାରେ ପ୍ରଦର୍ଶନ କରି ପାରିନାହାନ୍ତି, ତଥାପି ଏହି ଅଭିଜ୍ଞତା ତାଙ୍କୁ ମୂଲ୍ୟବାନ ଶିକ୍ଷା ଦେଇଛି।

ନୀରଜ କହିଛନ୍ତି, ୨୦୨୪ ଋତୁ ସରିଥିବା ବେଳେ ମୁଁ ବର୍ଷତମାମ ଶିକ୍ଷା ଲାଭ କରିଥିବା ସବୁ କିଛିକୁ ବୁଲି ଦେଖୁଛି ମୋର ଉନ୍ନତି, ପରାଜୟ, ମାନସିକତା ଓ ବହୁତ କିଛିକୁ ମୁଁ ସମୀକ୍ଷା କରିଛି ସୋମବାର ଅଭ୍ୟାସ ବେଳେ ଆହତ ହୋଇଥିଲି ମୋର ବାମ ହାତର ଅନାମିକା ଆଙ୍ଗୁଠି ଭାଙ୍ଗି ଯାଇଥିବା ଏକ୍ସ-ରେରୁ ଜଣାପଡ଼ିଥିଲା।

ଏହା ମୋ ପାଇଁ ଆଉ ଏକ ଯନ୍ତ୍ରଣାଦାୟକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା କିନ୍ତୁ ମୋ ଟିମର ସହାୟତାରେ ମୁଁ ବ୍ରୁସେଲ୍ସରେ ଭାଗ ନେଇ ପାରିଥିଲି। ଏହା ଚଳିତ ବର୍ଷର ଶେଷ ପ୍ରତିଯୋଗିତା ଥିଲା ମୁଁ ମୋର ସିଜିନ ଟ୍ରାକରେ ଶେଷ କରିବାକୁ ଚାହୁଁଥିଲି। ଯଦିଓ ମୁଁ ମୋର ବ୍ୟକ୍ତିଗତ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନାହିଁ, ତଥାପି ଏଇଟା ଏମିତି ଗୋଟିଏ ସିଜିନ ଥିଲା ଯେଉଁଠି ମୁଁ ଅନେକ କିଛି ଶିଖିଛି।ମୁଁ ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ ପୂରା ଫିଟ ଓ ରେଡି ହୋଇ ଫେରିବି ଆପଣମାନଙ୍କ ଉତ୍ସାହ ପାଇଁ ଧନ୍ୟବାଦ ୨୦୨୪ ମୋତେ ଜଣେ ଭଲ ଆଥଲେଟ ଓ ବ୍ୟକ୍ତି କରିଛି ୨୦୨୫ରେ ଦେଖାହବ।

ପ୍ୟାରିସ୍ ଅଲିମ୍ପିକ୍ସ ଚାମ୍ପିଅନ ଅର୍ଶଦ ନଦୀମ ଓ ଗତ ବର୍ଷର ଡାଇମଣ୍ଡ ଟ୍ରଫି ବିଜେତା ଜାକ୍ୟୁବ ଭଡଲେଜ ବ୍ରୁସେଲ୍ସ ଡାଇମଣ୍ଡ ଲିଗ୍ ଫାଇନାଲରେ ଭାଗ ନେଇଁ ନଥିଲେ ଭାରତର ଷ୍ଟାର୍ ନୀରଜ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଡାଇମଣ୍ଡ ଲିଗର ରନର୍ ଅପ୍ ହୋଇଛନ୍ତି। ସେ ୨୦୨୨ ଡାଇମଣ୍ଡ ଲିଗରେ ସ୍ୱର୍ଣ୍ଣ ଜିତି ଥିବାବେଳେ ୨୦୨୩ରେ ସିଲଭର୍ ବିଜେତା ହୋଇଥିଲେ।

## ରେସ ବେଳେ ଛିନଛତ୍ର କୁଶ ମୈନିଙ୍କ କାର

ନୂଆଦିଲ୍ଲୀ,୧୫।୯: ଭାରତର ଫର୍ମୁଲା ଡ୍ରାଇଭର କୁଶ ମୈନି ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଆଜେରବୈଜାନ ଗ୍ରାଣ୍ଡ ପ୍ରିକ୍ସ ଏଫ ୨ରେ ଭାଗ ନେଇଥିବା କୁଶ ରେସ ଆରମ୍ଭ ସମୟରେ ଏପରି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।୫ ଗ୍ରୀଡ଼ରେ ଥିବା କୁଶ ରେସ୍ ଆରମ୍ଭ ହୋଇଥିଲେ ହେଁ ନିଜ ଗାଡ଼ି ଷ୍ଟାର୍ଟ କରିପାରି ନଥିଲେ। ଲାଇନ ଉପରେ ତାଙ୍କ କାର ରହିଥିବା ବେଳେ ଏକାଧିକ କାର ତାଙ୍କୁ ଅତିକ୍ରମ କରି ଆଗକୁ ବଢ଼ିଥିଲେ। ତେବେ ଗୋଟିଏ କାର ତାଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ପଛ ପଟୁ ଭୟଙ୍କର ଢଙ୍ଗରେ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ କୁଶଙ୍କ ସମେତ ଆଉ ୨ଟି କାର ପୂରା ଛିନଛତ୍ର ହୋଇଯାଇଛି।ହେଲେ ଏହା ମଧ୍ୟରେ ଥିବା ଡ୍ରାଇଭରମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।ଦୁର୍ଘଟଣା ଯୋଗୁ କୁଶଙ୍କ ସମେତ ସ୍ପେନର ପେପେ ମାରତି ଓ ଜର୍ମାନୀର ଓଲିଭର ଗୋଇଥେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ତେବେ କୁଶଙ୍କ ଭଳି ସେମାନେ ମଧ୍ୟ ଦୁର୍ଘଟଣାରେ ବଡ଼ଧରଣର ଆଘାତ ପାଇ ନାହାନ୍ତି। ଫର୍ମୁଲା ୨ ରେସରେ ଏହା କୁଶ ଦ୍ୱିତୀୟ ସଂସ୍କରଣ ସେ ଅଲପାଇନ ଏଫ ୧ ଟିମର ମଧ୍ୟ ସଦସ୍ୟ।

# ସାଫ୍‌ରେ ଓଡ଼ିଆ କ୍ରୀଡ଼ାବିତଙ୍କ ଚମକ







ଭୁବନେଶ୍ୱର,୧୫।୯: ଚେନ୍ନାଇରେ ଶେଷ ହୋଇଥିବା ଜୁନିୟର ଦକ୍ଷିଣ ଏସୀୟ ଆଥ୍ଲେଟିକ୍ସ ଫେଡେରେଶନ୍ (ସାଫ୍) ଚାମ୍ପିୟନଶିପ୍‌ରେ ଭାରତ ଭଲ ପ୍ରଦର୍ଶନ କରିଛି। ମୋଟ ୪୮ ପଦକ ସହ ଭାରତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।

ଓଡ଼ିଶାର ଯୁବ ଖେଳାଳିମାନେ ଭାରତ ପାଇଁ ୫ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରତୀକ ମହାରଣା, ଦଣ୍ଡପତି ମୃତ୍ୟୁମ୍ ଜୟରାମ, ମହେନ୍ଦ୍ର ସାନ୍ତା, ସବିତା ଟପ୍ପୋ ଓ ଲକ୍ଷ୍ମୀ ପ୍ରିୟା କିସାନ ଏଥିରେ ଭାରତ ପକ୍ଷରୁ ପ୍ରତିନିଧି କରିଥିଲେ। ସେମାନେ ୪ଟି ବ୍ୟକ୍ତିଗତ ଓ ଗୋଟିଏ ଦଳଗତ ଇଭେଣ୍ଟରେ ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଯୋଡ଼ିଛନ୍ତି। ବରଗଡ଼ରେ ଡେଲିଭରି ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରୁଥିବା ପ୍ରତୀକ କୋଭିଡ୍ ମହାମାରୀ ସମୟରେ ଜୀବନ ଓ ଭାଗ୍ୟ ସହ ସଂଘର୍ଷ କରିଥିଲେ ଜଣେ ଦୌଡ଼କୁଦ ଆଥଲେଟ୍ ଭାବେ ବଡ଼ ହୋଇ ଦେଶ ପାଇଁ ଗୌରବ ଅର୍ଜନ କରିବାର ସ୍ୱପ୍ନ ଦେଖିଥିଲେ ମଧ୍ୟ ଜୀବନର କଠୋର ବାସ୍ତବତା ତାଙ୍କୁ ପଛକୁ ଠେଲି ଦେଇଥିଲା ତେବେ ରାଜ୍ୟ ସରକାରଙ୍କ ସହାୟତା ଓ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସେ ଟ୍ରାକ୍‌କୁ ଫେରି ସାଫ୍ ଜୁନିୟର ଚାମ୍ପିୟନଶିପ୍ ପାଇଁ କଠିନ ଅଭ୍ୟାସ କରିଥିଲେ ଏହାପରେ ସେ ଜୁନିୟର ପୁରୁଷ ୨୦୦ ମିଟର ଓ ୪୧୦୦ ମିଟର ରିଲେରେ ଭାରତ ପାଇଁ ଗୋଟିଏ ଦିନରେ ୨ଟି ରୌପ୍ୟ ପଦକ ଜିତି ଇତିହାସ ରଚିଥିଲେ।

ସେହିପରି ୧୯ ବର୍ଷୀୟ ଜୟରାମଙ୍କ ଜୀବନରେ ଆଗକୁ ବଢ଼ିବା ସହଜ ନ ଥିଲା କଳାହାଣ୍ଡି ବାସିନ୍ଦା ଏହି ପ୍ରତିଭାସମ୍ପନ୍ନ ଆଥଲେଟ୍‌ଙ୍କ କ୍ରୀଡ଼ା ପ୍ରତି ଆଗ୍ରହ ଥିଲେ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡ଼ାକୁ ଆପଣେଇଥିଲେ କିନ୍ତୁ ଓଡ଼ିଶା ସରକାରଙ୍କ ଏକ ଟ୍ୟାଲେଣ୍ଟ ସ୍କାଉଟ୍ କାର୍ଯ୍ୟକ୍ରମରେ ଜିଲା ସ୍ତରୀୟ ଟ୍ରାକ୍‌ରେ ଦୌଡ଼ିବାପରେ ତାଙ୍କ ଭାଗ୍ୟ ବଦଳି ଯାଇଥିଲା ଏବେ ସେ ଜଣେ ପଦକ ବିଜେତା ଓ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍ଲେଟ୍ ଭାବେ ପରିଚିତ ହେବା ସହ ନିଜର ପ୍ରଥମ ସାଫ୍ ପ୍ରତିଯୋଗିତାରେ ଦେଶ ପାଇଁ ୨ଟି ପଦକ (୧ ରୌପ୍ୟ, ୧ ବ୍ରୋଞ୍ଜ) ଜିତିଛନ୍ତି।

ସାଫ୍ କ୍ରୀଡ଼ାରେ ଓଡ଼ିଶାକୁ ମିଳିଥିବା ୫ ପଦକ ମଧ୍ୟରୁ ୨ଟି ମହିଳା କ୍ରୀଡ଼ାବିତ୍ ଜିତିଥିଲେ। ଭାରତୀୟ ଦଳରେ ଶେଷ ମୁହୂର୍ତ୍ତରେ ସାମିଲ ହୋଇଥିବା ଓଡ଼ିଶାର ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସ ଓ ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିସାନ ରୌପ୍ୟ ପଦକ ଜିତିଛନ୍ତି। ଉଭୟ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ତୃଣମୂଳସ୍ତରରୁ ଆଥଲେଟମାନଙ୍କୁ ଖୋଜିବା ଓ ବିକଶିତ କରିବା ପାଇଁ ଓଡ଼ିଶା ସରକାର ନେଇଥିବା ପଦକ୍ଷେପ ମାଧ୍ୟମରେ ଭାରତର ପ୍ରତିନିଧି କରିବା ସହ ପଦକ ଜିତିଛନ୍ତି ପ୍ରଶିକ୍ଷକ ମାର୍ଟିନ୍ ଓଭେନ୍‌ଙ୍କ ତତ୍ତ୍ୱାବଧାନରେ ଜୟରାମ, ମହେନ୍ଦ୍ର ସାନ୍ତା, ସବିତା ଟପ୍ପୋ ଓ ଲକ୍ଷ୍ମୀ ପ୍ରିୟା କିସାନ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ୍ ଆଥ୍ଲେଟିକ୍ସ ହାଇ ପର୍‌ଫର୍ମାନ୍ସ ସେଣ୍ଟର, ପ୍ରତୀକ ମହାରଣା ରାଉରକେଲା ବିର୍ସା ମୁଣ୍ଡା ଆଥ୍ଲେଟିକ୍ସ ଷ୍ଟାଡିୟମରେ ନିଜ ପ୍ରଶିକ୍ଷକ ଶିବ ମିଶ୍ରଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି।

## ପ୍ରଥମ ମ୍ୟାଚରେ ହାରିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୧୫।୯: ଚଳିତ ଆଇଏସ୍‌ଏଲ୍ ପେସାଦାର ଫୁଟବଲ୍ ପ୍ରତିଯୋଗିତା ଆରମ୍ଭରୁ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିକୁ ବଡ଼ ଧକ୍କା ଲାଗିଛି। ଘରୋଇ ପରିବେଶରେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଭ୍ରମଣକାରୀ ଚେନ୍ନାୟିନ୍‌ଠାରୁ ୨-୩ ଗୋଲ୍‌ରେ ହାରିଯାଇଛି। ଓଡ଼ିଶାର ନିଜସ୍ୱ କ୍ଲବ୍ ଫଳରେ ସ୍ଥାନୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ପ୍ରତିଶ୍ରୁତିଭରା ଆରମ୍ଭ କରିଥିଲା। ନବମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି ଆଗୁଆ ହୋଇଥିଲା। ଏହି ଗୋଲ୍‌ଟି ଡିଏଗୋ ମେରିସିଓ ଦେଇଥିଲେ ପ୍ରଥମ ୧୦ ମିନିଟ୍ ଭିତରେ ଆଗୁଆ ହେବା ସହ ପ୍ରଥମାର୍ଦ୍ଧରେ ଘରୋଇ ଦଳ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିବା ଓଡ଼ିଶା ଏଫ୍‌ସି ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା। ହେଲେ ମଧ୍ୟାନ୍ତର ପରେ ଚେନ୍ନାୟିନ୍ ଓଡ଼ିଶା ଦଳ ଗୋଲ୍ ପୋଷ୍ଟ ଉପରେ ଘନଘନ ଆକ୍ରମଣ ଜାରି ରହିଥିଲା ଯାହାର ଲାଭ ପ୍ରଥମାର୍ଦ୍ଧର ତୃତୀୟ ମିନିଟ୍‌ରେ ହିଁ ତାକୁ ମିଳିଥିଲା। ୪୮ ମିନିଟ୍‌ରେ ଫାରୁକ୍ ଚୌଧୁରୀ ଦେଇଥିବା ଫିଲ୍ଡ ଗୋଲ୍ ବଳରେ ସ୍ଥିତି ବରାବର କରି ନେଇଥିଲା। ଚେନ୍ନାଇନ୍ ଫାରୁକ୍ ସେତିକିରେ ଅଟକି ନଥିଲେ। ୫୧ ମିନିଟ୍‌ରେ ଆଉ ଏକ ଗୋଲ୍ ଦେଇ ଚେନ୍ନାଇନ୍‌କୁ ମ୍ୟାଚ୍‌ରେ ପ୍ରଥମ ଥର ଲାଗି ଆଗୁଆ କରି ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଓସ୍‌ଜା ପ୍ରତିନିଧିଙ୍କ ଆଲୋଚନା



ଭୁବନେଶ୍ୱର: ଓଡ଼ିଶାରେ କାର୍ଯ୍ୟରତ କ୍ରୀଡ଼ା ସାମ୍ବାଦିକଙ୍କୁ ନେଇ ଗଠିତ ରାଜ୍ୟ ସଂଘ ଓସ୍‌ଜା (ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ)ର ଏକ ପ୍ରତିନିଧି ମଣ୍ଡଳି ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ଦାବି ବିଷୟରେ ଆଲୋଚନା କରିଛନ୍ତି। ଦୁଇ ଦଶନ୍ଧି ଧରି ସଂଗଠିତ ଓସ୍‌ଜାର କିଛି ମୌଳିକ ଆବଶ୍ୟକତା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା ହେବା ପରେ ମୁଖ୍ୟମନ୍ତ୍ରୀ ଏ ଦିଗରେ ସକରାତ୍ମକ ଆଭିମୁଖ୍ୟ ରଖିଥିବା ସୂଚନା ମିଳିଛି। ।ଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସାମ୍ବାଦିକତା ସମ୍ମାନ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତାମାନଙ୍କୁ ଓଡ଼ିଶା ସରକାର ଅନ୍ୟୁନ ସ୍ୱୀକୃତିପ୍ରଦାନ କରିବା ପ୍ରମୁଖ ଦାବି ଅନ୍ୟତମ ମୁଖ୍ୟ ଥିଲା ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ରାଜ୍ୟର କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଡିଆ। ସେଣ୍ଟର୍ ସହ ସମସ୍ତ ପ୍ରକାର୍ ପେସାଦାର ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା ।

ଏହି ପ୍ରତିନିଧି ମଣ୍ଡଳିରେ ବରିଷ୍ଠ ସାମ୍ବାଦିକ କେ ରବି, ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର, ଉପ ସଭାପତି ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ସମ୍ପାଦକ ସୁରେଶ ସ୍ୱାଇଁ, ସହ ସମ୍ପାଦକ ହିମାଂଶୁପତି ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ବିମଳ କୁମାର ରାଉଳ, ଶକ୍ତି ପ୍ରସାଦ ନନ୍ଦ ସାମିଲ ଥିଲେ।

# ଏଭରଗ୍ରୀନ୍ ଟୀର ବ୍ରାଣ୍ଡ ଆମ୍ବାସଡର ହେଲେ କୁଲଦୀପ



ଭୁବନେଶ୍ୱର୧୫।୯: ୧୫।୯: ଗତ ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପର ୧୦ଟି ମୂଲ୍ୟବାନ ିକେଟ୍ ଅକ୍ତିଆର କରି ଭାରତର ବିଶ୍ୱକପ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ପିନର କୁଲଦୀପ ଯାଦବ ନେହା ଏଣ୍ଟରପ୍ରାଇଜର୍ସ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ଉତ୍ପାଦ ଏଭରଗ୍ରୀନ ଟୀର ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ ହୋଇଛନ୍ତି । ସଂପ୍ରତି କୁଲଦୀପ ଯାଦବଙ୍କୁ ନେଇ ଏଭରଗ୍ରୀନ ଟୀର ଏକ ଟିଭି କମର୍ସିଆଲର ସୁଟିଂ ହୋଇଅଛି। ଏହା ଖୁବ୍‌ଶୀଘ୍ର ଆଞ୍ଚଳିକ ଏବଂ ଜାତୀୟ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ହେବ। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭରଗ୍ରୀନ ଟୀର ପରିଚାଳନା ନିର୍ଦ୍ଦେଶକ ସାଜନ ଅଗ୍ରୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଭାରତୀୟ ଜାତୀୟ କ୍ରିକେଟ ଟିମ୍‌ର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ଆମର ବ୍ରାଣ୍ଡ ଆମ୍ବାସଡର ହୋଇଥିବାରୁ ଏଭରଗ୍ରୀନ ଟୀ ଅତ୍ୟନ୍ତ ଆନନ୍ଦିତ ପୂର୍ବରୁ ବଲିଉଡ ସୁପରଷ୍ଟାର ଅନୀଲ କପୁର, ପ୍ରସିଦ୍ଧ ହକି ଖେଳାଳି ଓ ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କି, ସୁପ୍ରସିଦ୍ଧ ଧାବିକା ଦୂତୀ ଚାନ୍ଦ ଏବଂ ଓଲିଉଡ଼ ସୁପରଷ୍ଟାର ସବ୍ୟସାଚୀ ଓ ଅର୍ପିତାକୁ ବ୍ରାଣ୍ଡ ଆମ୍ବାସଡର ଭାବେ ନେଇଅଛୁ ଏବେ କୁଲଦୀପଙ୍କ ଯୋଗଦାନ ଦ୍ୱାରା ବ୍ରାଣ୍ଡ ଉପରେ ଗ୍ରାହକ ମାନଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଉଚ୍ଚ ସ୍ତରରେ ପହଞ୍ଚିବ ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ନିର୍ଦ୍ଦେଶକ ପ୍ରବୀଣ ଅଗ୍ରାଲ ଏବଂ ପନ ଅଗ୍ରାଲ ପ୍ରମୁଖ ଉପସ୍ଥିତ ଥିଲେ ।

## 'ମୁଁ ଗମ୍ଭୀରଙ୍କ ବନ୍ଧୁ ନ ଥିଲି'

କୋଲକାତା,୧୫।୯: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ତାଙ୍କ କ୍ରିକେଟ୍ କ୍ୟାରିୟର ବ୍ୟତୀତ ତାଙ୍କ କୋଚିଂ କ୍ୟାରିୟରରେ ଅନେକ ନାମ ଅର୍ଜନ କରିଛନ୍ତି ସେ ବର୍ତ୍ତମାନ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ଆଇପିଏଲରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ୍ ହୋଇଥିଲେ ଏହା ସହିତ ବିଭିନ୍ନ ବିବାଦ ସହିତ ଗୌତମ ଗମ୍ଭୀରଙ୍କର ମଧ୍ୟ ଗଭୀର ସମ୍ପର୍କ ରହିଛି। ବିଶେଷକରି ମହେନ୍ଦ୍ର ସିଂ ଧୋନି ଏବଂ ବିରାଟ କୋହଲିଙ୍କ ବିଷୟରେ ତାଙ୍କର ମତଭେଦ କାହାଠାରୁ ଲୁଚି ନ ଥିଲା। ଏବେ ଟିମ୍ ଇଣ୍ଡିଆର ଜଣେ ପୂର୍ବତନ କ୍ରିକେଟର ତାଙ୍କ ମନ୍ତବ୍ୟ ଦେଇ ଏକ ନୂଆ ବିବାଦ ସୃଷ୍ଟି କରିଛନ୍ତି। ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର୍ ଆକାଶ ଚୋପ୍ରା ୟୁଟ୍ୟୁବ୍ ଚ୍ୟାନେଲରେ ରାଜ ଶାମାନୀଙ୍କ ସହ ଏକ ପୋଡକାଷ୍ଟରେ କଥାବାର୍ତ୍ତା କରୁଥିବାବେଳେ କହିଛନ୍ତି ଯେ ଭାରତୀୟ ଦଳରେ ଅନେକ ଥର ବଡ଼ ପରିବର୍ତ୍ତନ କରାଯାଇଛି। ଏପରିକି ବିରେନ୍ଦ୍ର ସେହ୍ୱାଗଙ୍କ ପରି ଜଣେ ଖେଳାଳିଙ୍କୁ ନମ୍ବର-୪ରେ ବ୍ୟାଟିଂ କରିବାକୁ କୁହାଯାଇଥିଲା। ଆମ ଦଳ ବହୁତ ଭଲ ଥିଲା। ଆକାଶ ଚୋପ୍ରା କହିଛନ୍ତି ଯେ ସେ ଗମ୍ଭୀରଙ୍କ ବନ୍ଧୁ ନୁହଁନ୍ତି, କାରଣ ଦଳର ଓପନିଂ ସ୍ଥାନ ପାଇଁ ପ୍ରଥମେ ଗୌତମ ଗମ୍ଭୀରଙ୍କ ଠାରୁ କଡ଼ା ପ୍ରତିଯୋଗିତା ହୋଇଥିଲା। କିନ୍ତୁ, ତାଙ୍କ ସହ ଗମ୍ଭୀରଙ୍କ ଉତ୍ସାହ ସମସ୍ତଙ୍କ ପାଇଁ ଦୃଶ୍ୟମାନ ହେଉଥିଲା ।

# ସଂପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି ଶାମି

ନୂଆଦିଲ୍ଲୀ,୧୫।୯: ଭାରତୀୟ ଦଳର ଅନୁଭବୀ ଦ୍ରୁତ ବୋଲର ମହମ୍ମଦ ଶାମି ଭାରତୀୟ ଦଳରେ ନିଜର ପ୍ରତ୍ୟାବର୍ତ୍ତନକୁ ନେଇ ବଡ଼ ସୂଚନା ଦେଇଛନ୍ତି। ଗତ କିଛି ସପ୍ତାହରେ ଅନେକ ଖବର ସାମ୍ନାକୁ ଆସିଥିଲା ଯେ ମହମ୍ମଦ ଶାମି ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି। ତେବେ ଶାମିଙ୍କ କହିବା କଥା ଯେ ପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ଫିଟ୍ ହୋଇ



ନାହାନ୍ତି। ସେ ପର୍ଯ୍ୟନ୍ତ ସେ ପଡ଼ିଆକୁ ଫେରିବେ ନାହିଁ ପଡ଼ିଆକୁ ଫେରିବା ବିଷୟରେ କୌଣସି ଚିନ୍ତା କରି ନାହାନ୍ତି ବୋଲି ସାମି କହିଛନ୍ତି।

ମହମ୍ମଦ ଶାମି ଗତ ବର୍ଷ ଦିନିକିଅ। ବିଶ୍‌କପ୍ ୨୦୨୩ରେ ଆହତ ହେବା ପରଠୁ ଭାରତୀୟ ଦଳରୁ ବାହାରେ ଅଛନ୍ତି। ଆଘାତ କାରଣରୁ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଥିଲା ସୁସ୍ଥ ହେବା ପରେ ନିକଟରେ ସେ ନେଟ୍ସରେ ଅଭ୍ୟାସ୍ ଆରମ୍ଭ କରିଛନ୍ତି ମାତ୍ର ତାଙ୍କର ପ୍ରତ୍ୟାବର୍ତ୍ତନ ନେଇ କୌଣସି ସୂଚନା ଦେଇ ନାହିଁ ବିସିସିଆଇ ଶାମି ବେଙ୍ଗାଲୁରୁରେ ଏନସିଏରେ ଛୋଟ ରନଅପ୍ ଜରିଆରେ ବୋଲିଂ କରୁଥିବା ଦେଖିବାକୁ ମିଳିଛି।

ଶାମି କହିଛନ୍ତି, ଯେତେ ଶୀଘ୍ର ସମ୍ଭବ ମୁଁ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରୁଛି ମୁଁ ସୁନିଶ୍ଚିତ କରିବାକୁ ଚାହୁଁଛି ଯେ, ଯେବେ ମୁଁ ପଡ଼ିଆକୁ ଫେରିବି ମୋ ମନରେ ଫିଟନେସ୍‌କୁ ନେଇ ତିଳେ ବି ସନ୍ଦେହ ନ ଥିବ। ଏହା ହିଁ ମୋ ପାଇଁ ଉଚିତ ରହିବ ଏବଂ ଆହତ ହେବାର ସମ୍ଭାବନା ସେତେ କମ ରହିବ ଏଥିପାଇଁ କିଛି ଫରକ ପଡୁନି ଯେ, ବାଂଲାଦେଶ, ନ୍ୟୁଜିଲାଣ୍ଡ କିମ୍ବା ଅଷ୍ଟ୍ରେଲିଆ। ସିରିଜ୍ ପାଇଁ ମୁଁ ଫେରିବି କି ନାହିଁ ମୁଁ ଆରମ୍ଭରୁ ହିଁ ଅଭ୍ୟାସ୍ ଆରମ୍ଭ କରି ଦେଇଛି ଯେ ପର୍ଯ୍ୟନ୍ତ ମୁଁ ଶତ ପ୍ରତିଶତ ଫିଟ୍ ଅନୁଭବ କରିନି, ସେ ପର୍ଯ୍ୟନ୍ତ ମୁଁ ପଡ଼ିଆକୁ ଫେରିବାକୁ ଉଚିତ ମଣିବିନି।

# 'ବିରାଟ କୋହଲି ମୋ ଅଧୀନରେ ଖେଳୁଥିଲେ'





**ଭୁବନେଶ୍ୱର,୧୫।୯:** ଆରଜେଡିର ବରିଷ୍ଠ ନେତା ତଥା ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଗୋଟିଏ ବୟାନ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଏଥିରେ ସେ ନିଜ କ୍ରିକେଟିଂ ଯାତ୍ରା ସମ୍ପର୍କରେ ମତ ରଖଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କ ପୁଅ ହେଉଛନ୍ତି ତେଜସ୍ୱୀ।ସେ ଦାବି କରିଛନ୍ତି, ଭାରତୀୟ କ୍ରିକେଟ ଟିମର ଷ୍ଟାର ବ୍ୟାଟର ବିରାଟ କୋହଲି ଏକଦା ତାଙ୍କ କ୍ୟାପ୍ଟେନ୍ସିରେ ଘରୋଇ କ୍ରିକେଟ ଖେଳୁଥିଲେ। କିନ୍ତୁ ଘରୋଇ କ୍ରିକେଟରେ ଦମ ଦେଖାଇଥିବା ତେଜସ୍ୱୀଙ୍କ କ୍ରିକେଟିଂ କ୍ୟାରିୟର ସମ୍ପର୍କରେ କେହି ଆଲୋଚନା କରୁନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଜସ୍ୱୀ ଆହୁରି ଦାବି କରିଛନ୍ତି ଯେ ଭାରତୀୟ ଟିମରେ ଏବେ ଖେଳୁଥିବା ଅଧିକାଂଶ ଖେଳାଳି ତାଙ୍କ ସହ ଖେଳୁଥିଲେ। ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାରରେ ତେଜସ୍ୱୀ କହିଛନ୍ତି,. ମୁଁ ଜଣେ କ୍ରିକେଟର ଥିଲି ଓ ଏ ବିଷୟରେ କେହି ବି ଆଲୋଚନା କରୁ ନାହାନ୍ତି ବିରାଟ କୋହଲି ମୁଁ କ୍ୟାପ୍ଟେନ୍ସିରେ ଖେଳୁଥିଲେ। କେହି ଏହା ଉପରେ ଆଲୋଚନା କରୁଛନ୍ତି କି ?ଜଣେ ପ୍ରଫେସନାଲ ହିସାବରେ, ମୁଁ ଭଲ କ୍ରିକେଟ ଖେଳୁ ଥିଲି ଅଧିକାଂଶ ଟିମ ଇଣ୍ଡିଆର ଖେଳାଳି ମୋ ବ୍ୟାଚମେଟ ରହିଥିଲେ। ମୋର ଦୁଇଟି ଯାକ ଲିଗାମେଣ୍ଟ ଭାଙ୍ଗି ଯିବାରୁ ମୋତେ କ୍ରିକେଟ ଛାଡ଼ିବାକୁ ପଡ଼ିଥିଲା। ଛାଡ଼ନ୍ତୁ ସେସବୁ କଥା।ତେଜସ୍ୱୀଙ୍କ ଏହି ବୟାନ ସୋଶାଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ତାଙ୍କୁ କଟାକ୍ଷ କରିଛନ୍ତି। ତେଜସ୍ୱୀ ଯାଦବ ତାଙ୍କ କ୍ରିକେଟିଂ କ୍ୟାରିୟରରେ ଗୋଟିଏ ପ୍ରଥମ ଶ୍ରେଣୀ, ୨ଟି ଲିଷ୍ଟ ଏ ଓ ୪ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ଘରୋଇ କ୍ରିକେଟରେ ଝାରଖଣ୍ଡ ପକ୍ଷରୁ ଖେଳୁଥିବା ତେଜସ୍ୱୀ ବିଦ୍ଦର୍ଭା ବିପକ୍ଷରେ ଡେବ୍ୟୁ କରିଥିଲେ। ୨୦୦୯ ନଭେମ୍ବର ମାସରେ ସେ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ୨୦୧୦ ଫେବୃଆରୀରେ ସେ ତ୍ରିପୁରା ଓ ଓଡ଼ିଶା ବିପକ୍ଷରେ ୨ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଥିଲେ ଧନବାଦରେ ସେ ଓଡ଼ିଶା, ଆସାମ, ବେଙ୍ଗଲ ଓ ତ୍ରିପୁରା ବିପକ୍ଷରେ ୪ଟି ଯାକ ଟି-୨୦ ମ୍ୟାଚରେ ନଜର ଆସିଥିଲେ। ୨୦୦୮ରୁ ୨୦୧୨ ଯାଏ ଆଇପିଏଲରେ ସେ ଦିଲ୍ଲୀ ଡେୟାର ଡେଭିଲ୍ସ ପାଇଁ କିଣା ହୋଇଥିଲେ। ହେଲେ ୨୦୦୮ରୁ ୨୦୧୨ ଯାଏ ତାଙ୍କୁ କେବଳ ବେଞ୍ଚରେ ବସିବାକୁ ପଡ଼ିଥିଲା। ସେ ଗୋଟିଏ ହେଲେ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇ ନଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ